ବର୍ଷ-୨୫, ସଂଖ୍ୟା-୧୦୯
ଭୁବନେଶ୍ୱର
୨୧, ଏପ୍ରିଲ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 109
Bhubaneswar
21, April, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଅଭିନେତାଙ୍କ ବିରୋଧରେ ଅଭିଯୋଗ ଆଣିଲେ ପ୍ରୀତିକା

## ବଢ଼ିଲା ତାତି

**ଭୁବନେଶ୍ୱର,୨୦।୪(ମହାଭାରତ):** କିଛିଦିନ ବ୍ୟବଧାନ ପରେ ରାଜ୍ୟକୁ ଫେରିଛି ତାତି ୪୦ ଡ଼ିଗ୍ରୀ ଉପରେ ୧୧ ସହରର ତାପମାତ୍ରା ୪୩.୫ ଡିଗ୍ରୀ ସହ ଝାରସୁଗୁଡା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଏହା ପଛକୁ



ବଲାଙ୍ଗିର ୪୨.୪, ଟିଟିଲାଗଡ଼ ୪୨, ସମ୍ବଲପୁର ୪୧.୯, ସୁନ୍ଦରଗଡ଼ ୪୧.୮, ବୌଦ୍ଧ ୪୧.୫, ହୀରାକୁଦ ଓ ସୋନପୁର ୪୧.୩, ନୂଆପଡ଼ା ୪୧, ଭବାନୀପାଟଣା ୪୦.୮, ରାଉରକେଲା ୪୦.୧ ଡିଗ୍ରୀ ରେକର୍ଡ ହୋଇଛି। ସେହିଭଳି ଟ୍ୱିନସିଟିର ୩୭ ଡ଼ିଗ୍ରୀ ତାତି ରେକର୍ଡ ହୋଇଛି।ତେବେ ଆସନ୍ତାକାଲି ଠାରୁ ଦେଶର ପୂର୍ବଭାଗରେ କାଳବୈଶାଖୀ ପ୍ରଭାବ କମିବା ସହ ଆଗାମୀ ୪ ଦିନ ମଧ୍ୟରେ ତାପମାତ୍ରା ୪ ରୁ ୬ ଡ଼ିଗ୍ରୀ ଯାଏଁ ତାପମାତ୍ରାରେ ବୃଦ୍ଧି ହେବା ସମ୍ଭାବନା ରହିଛି। ଚଳିତ ବର୍ଷ ପ୍ରାକ ମୌସୁମୀ ଋତୁରେ ୧ ମାର୍ଚ୍ଚ ରୁ ୧୯ ଅପ୍ରେଲ ୨୦୨୫ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୩୮.୯ ମିମି ତୁଳନାରେ ୬୦.୫ ମିମି ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ଠାରୁ ୫୫% ଅଧିକ ବର୍ଷା ଅନୁଭୂତ ହୋଇଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୦।୪(ମହାଭାରତ): ଆସନ୍ତା କାଲି ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୋସିଆଲ ମିଡିଆ ଜରିଆରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଲୋକଙ୍କ ପାଖରେ ପହଞ୍ଚିବ ଲୋକଙ୍କ ସରକାର। ସାଧାରଣ ଜନତାଙ୍କ ସମସ୍ୟାକୁ ଲୋକଙ୍କ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରି ସମାଧାନ ପାଇଁ ସର୍ବଦା ତତ୍ପର ଅଛନ୍ତି। ନୂଆ ସରକାର ଆସିବା ପରଠାରୁ ଅନେକ ଅଭିଯୋଗର ଶୁଣାଣି ଏବଂ ତାହାର ସମାଧାନ ଦ୍ରୁତ ବେଗରେ କରାଯାଉଛି। ଏହି କ୍ରମରେ ଅପ୍ରେଲ ୨୧ ତାରିଖରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହେବ ।

## ସାଇବର ତଦନ୍ତରେ କେନ୍ଦ୍ର ଓ ରାଜ୍ୟ ମିଳିତ ପଦକ୍ଷେପ ନେଉଛନ୍ତି

**ଭୁବନେଶ୍ୱର,୨୦।୪ (ମହାଭାରତ):** ଅନଲାଇନ ଗେମିଂ ଯୋଗୁଁ ଆତ୍ମହତ୍ୟା ପ୍ରସଙ୍ଗ ସାଇବର ତଦନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ପଦକ୍ଷେପ ନେଉଛନ୍ତି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ, ସାଇବର ଠକେଇ ମାମଲାରେ ଗମ୍ଭୀରତାର ସହ ଚିନ୍ତା କରିବାର ଆବଶ୍ୟକତା ରହିଛି । ୨୦୨୪ରେ ପାଖାପାଖି ସାଇବର ଠକେଇରେ ୧୫୩ କୋଟି ଟଙ୍କା ଚୋରୀ ହୋଇଛି। କିନ୍ତୁ ରିକଭରି ପରିମାଣ ବହୁତ କମ। ସାଇବର ଠକେଇରେ ପ୍ରଥମ ଗୋଟିଏ ଘଂଟା ବା ଗୋଲଡ୍ରେନ ଆୱାର ଗୁରୁତ୍ୱପୂର୍ଣ୍ଣ। ଏହି ସମୟ ଭିତରେ ପୋଲିସ ପାଖରେ ସମ୍ଭାବନା ରହିଛି ରିକଭର କରିପାରିବ। ଲୋକଙ୍କ ଭିତରେ ସଚେତନତା ହେଲେ ଲୋକ ସହାୟତା ମାଗିବେ ଓ ଲୋକ ଠକେଇରୁ ବଞ୍ଚିବେ। ସେ କହିଛନ୍ତି ଯେ ଅନ ଲାଇନ ଗେମ୍ ଆଉ ଗ୍ୟାମ୍ବଲିଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଧିରେ ଧିରେ ଏହା ଚିନ୍ତାଜନକ ସ୍ଥିତିକୁ ଗଲାଣି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇଛନ୍ତି। ସାଇବର ତଦନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ପଦକ୍ଷେପ ନେଉଛନ୍ତି।

### ଭୋଟର ତାଲିକା ଅନିୟମିତତା ଦାବି ପ୍ରତ୍ୟାଖ୍ୟାନ

## ୯୦ ଆବେଦନ ଦାଖଲ

**ଭୁବନେଶ୍ୱର,୨୦।୪(ମହାଭାରତ):**ଭାରତ ନିର୍ବାଚନ ଆୟୋଗ ଏକ ସ୍ପଷ୍ଟ ବିବୃତିରେ କହିଛି ଯେ ଭୋଟର ତାଲିକା ସଂପର୍କିତ ଅନିୟମିତତା ଦାବି ସତ୍ୟ ନୁହେଁ। ମହାରାଷ୍ଟ୍ରରେ ୯ କୋଟି ୭୦ ଲକ୍ଷ ପଞ୍ଜିକୃତ ଭୋଟର ମଧ୍ୟରୁ, ତାଲିକା ସଂଶୋଧନ ପାଇଁ କେବଳ ୮୯ଟି ପ୍ରଥମ ଆବେଦନ ଏବଂ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଗୋଟିଏ ଦ୍ୱିତୀୟ ଆବେଦନ ଦାଖଲ ହୋଇଛି।

ବିରୋଧୀ ଦଳଙ୍କ ତରଫରୁ ଶୀତକାଳୀନ ଅଧିବେଶନରେ ଉଠାଯାଇଥିବା ଭୋଟର ତାଲିକା ଅନିୟମିତତା ଅଭିଯୋଗକୁ ନିର୍ବାଚନ କମିଶନ ସଂଖ୍ୟାତ୍ମକ ତଥ୍ୟ ସହିତ ଖଣ୍ଡନ କରିଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା ଦାବି - '୨୦୧୪ ରୁ ୨୦୧୯ ମଧ୍ୟରେ ୩୦ ଲକ୍ଷରୁ ଅଧିକ ଭୋଟର ଅନୁଚିତ ଭାବେ ତାଲିକାରେ ଯୋଡ଼ାଯାଇଛନ୍ତି' - ପ୍ରତି ନିର୍ବାଚନ କମିଶନ ପ୍ରମାଣ ଅଭାବ ଉଲ୍ଲେଖ କରି ଏହାକୁ ଅସ୍ୱୀକାର କରିଛି। ନିର୍ବାଚନ କମିଶନ ସଂକ୍ଷିପ୍ତ ସଂଶୋଧନ ଅଭିଯାନ ଅନୁସାରେ, ଭୋଟର ତାଲିକା ସୁଦୃଢ଼ ଓ ସଠିକ୍ ରହିବା ନିମନ୍ତେ ବାର୍ଷିକ ଅପଡେଟ୍ କାର୍ଯ୍ୟ ସାଂଘିକ ଭାବେ ଚାଲିଥାଏ। ଏହି ଅଭିଯାନ ଅଧୀନରେ ନୂତନ ଯୋଗ୍ୟ ଭୋଟର ଯୋଗ, ନିର୍ବାଚନମଣ୍ଡଳୀ ପରିବର୍ତ୍ତନ, ଏବଂ ଡୁପ୍ଲିକେଟ୍/ଅନୁଚିତ ଭୋଟର ନାମ ବାଦ କରାଯାଏ। ଭାରତରେ ମୋଟ ପଞ୍ଜିକୃତ ଭୋଟର ୯୨କୋଟି ୨୦ ଲକ୍ଷ ହୋଇଥିବାବେଳେ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ସଂଖ୍ୟା ୧୦ ଲକ୍ଷ ୫୦ ହଜାର, ବୁଥ୍ ସ୍ତରୀୟ ଏଜେଂଟଙ୍କ ସଂଖ୍ୟା ୧୩ ଲକ୍ଷ ୯୦ ହଜାର ଏବଂ ମହାରାଷ୍ଟ୍ରରେ ଜାନୁଆରୀ ୨୦୨୫ରେ ଅଭିଯାନ ପରେ ୮୯ଟି ପ୍ରଥମ ଏବଂ ଗୋଟିଏ ଦ୍ୱିତୀୟ ପରିବର୍ତ୍ତନ ଆବେଦନ ଆସିଛି ।

# ବାଦଲଫଟା ବର୍ଷା ଓ ଭୂସ୍ଖଳନରେ ବ୍ୟାପକ କ୍ଷୟକ୍ଷତି

**ଶ୍ରୀନଗର,୨୦।୪:** ଜାମ୍ମୁ କାଶ୍ମୀରର ରାମବନ ଜିଲ୍ଲାରେ ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ଯୋଗୁଁ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ବର୍ଷା ଯୋଗୁଁ ରବିବାର ସକାଳେ ବିଭିନ୍ନ ସ୍ଥାନରେ ହୋଇଥିବା ବନ୍ୟାରେ ବର୍ତ୍ତମାନ ସୁଦ୍ଧା ତିନି ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବାଗନା ଅଞ୍ଚଳରେ ବାଦଲ ଫଟା ବର୍ଷା ହୋଇଛି। ଏହି କାରଣରୁ ବ୍ୟାପକ କ୍ଷୟକ୍ଷତି ନେଇ ଖବର ଆସୁଛି। ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଟିମ୍ ବର୍ତ୍ତମାନ ସୁଦ୍ଧା ୧୫୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ରାମବନରେ ଥିବା ଏକ ବଜାର ବନ୍ୟାମାଡରେ ସମ୍ପୂର୍ଣ୍ଣ ଧୋଇଯାଇଛି। ଦିନକ ପୂର୍ବରୁ ଯେଉଁଠି ଦୋକାନ ଥିଲା ରାତି ପାହିବା ବେଳକୁ ସେଠି କିଛି ନଥିଲା। ନା ବଜାର ଥିଲା ନା ଦୋକାନ ପୂରା ଧୋଇଯାଇଥିଲା ବଜାର ଏବଂ ଦୋକାନ ଘର। ରାଜ୍ୟ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ଏହି ବିପର୍ଯ୍ୟୟ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେପଟେ ଲଗାତାର ବର୍ଷାର ଯୋଗୁଁ ଜାମ୍ମୁ-ଶ୍ରୀନଗର ନ୍ୟାସନାଲ ହାଇରେ ନାସରୀ ଓ ବନିହାଲ ମଧ୍ୟରେ ପ୍ରାୟ ଏକ ଡଜନ ସ୍ଥାନରେ ଭୂସ୍ଖଳନ ଓ ମାଟି ଧସିବା ଘଟଣା ଘଟିଛି ।ସୋମବାର ଜିଲ୍ଲାର ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନକୁ ବନ୍ଦ କରାଯାଇଛି।

ରାମବନର ସେରି ବାଗନା ଗାଁରେ ବାଦଲ ଫାଟିବା ଯୋଗୁଁ ତିନି ଜଣଙ୍କୁ ମୃତ୍ୟୁ ହୋଇଛି। ମୃତଙ୍କ ମଧ୍ୟରେ ଦୁଇ ଜଣଙ୍କ ପରିଚୟ ଅକିବ ଅହମଦ ଓ ମହମ୍ମଦ ସାକିବ ରୂପେ ହୋଇଛି। ମୃତକ ଦୁହେଁ ଭାଇ ଥିଲେ। ଆଜିର ଏହି ମୃତ୍ୟୁ ସଂଖ୍ୟାକୁ ମିଶାଇଲେ ଜାମ୍ମୁ କ୍ଷେତ୍ରରେ ଗତ ଦୁଇ ଦିନର ବର୍ଷା ମୋଟ ୫ ଜଣଙ୍କ ମୃତ୍ୟୁ ହୋଇଛି ।ଏହା ପୂର୍ବରୁ ଶନିବାର ରାତିରେ ବଜ୍ରପାତରେ ରିୟାସି ଜିଲ୍ଲାରେ ଜଣେ ମହିଳାଙ୍କ ସମେତ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି।

ଅଧିକାରୀଙ୍କ କହିବା ଅନୁସାରେ ଧର୍ମ କୁଣ୍ଡ ଗାଁରେ



ହଠାତ ବନ୍ୟା ପାଣି ପସିବା କାରଣରୁ ୪୦ ଘର କ୍ଷତିଗ୍ରସ୍ତ ହୋଇଛି ।ସେ କହିଛନ୍ତି ଯେ ଏଥିରୁ ୧୦ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ।ଲଗାତାର ବର୍ଷା ସତ୍ତ୍ୱେ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶତାଧିକ ଗ୍ରାମବାସୀଙ୍କୁ ଉଦ୍ଧାର କରିଛନ୍ତି ।ତେବେ ବନ୍ୟା ପାଣିରେ ଅନେକ ଗାଡ଼ି ଭାସିଯାଇଛି।

ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି ଯେ ପ୍ରବଳ ବର୍ଷା, ବାଦଲ ଫାଟିବା, ପ୍ରବଳ ପବନ, ଭୂସ୍ଖଳନ ଯୋଗୁଁ ସମଗ୍ର ଜିଲ୍ଲାରେ ବ୍ୟାପକ କ୍ଷତି ହୋଇଛି। ବର୍ତ୍ତମାନ ସମୟରେ ଆମର ପ୍ରାଥମିକତା ହେଉଛି ଲୋକଙ୍କ ଜୀବନ ରକ୍ଷା କରିବା ପରିସ୍ଥିତି ଉପରେ ନଜର ରଖୁଛୁ ଏବଂ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇ ଦେବା ପାଇଁ ପରେ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ଅଧିକାରୀ କହିଛନ୍ତି। ସେପଟେ ଟ୍ରାଫିକ୍ ବିଭାଗର ଜଣେ ମୁଖପାତ୍ର କହିଛନ୍ତି ଯେ ନାସରି ଏବଂ ବନିହାଲ୍ ମଧ୍ୟରେ ଅନେକ ସ୍ଥାନରେ ଭୂସ୍ଖଳନ, କାଦୁଅ ଏବଂ ପଥର ପଡ଼ିବା ଯୋଗୁଁ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଯାନବାହାନ ଚଳାଚଳ ବନ୍ଦ ରହିଛି ।ସେ କହିଛନ୍ତି ଯେ ରାଜପଥରେ ବର୍ଷା ଜାରି ରହିଛି ଏବଂ ପାଗ ସୁଧୁରିବା ଏବଂ ରାସ୍ତା ସଫା ନହେବା ପର୍ଯ୍ୟନ୍ତ ଲୋକଙ୍କୁ ମୁଖ୍ୟ ରାସ୍ତାରେ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି । ଅଧିକାରୀମାନେ କହିଛନ୍ତି ଯେ ୨୫୦ କିଲୋମିଟରର ଲମ୍ବା ରାଜପଥ ବନ୍ଦ ହେବା ଯୋଗୁଁ ଶହ ଶହ ଯାତ୍ରୀ ଏଥିରେ ଫସି ରହିଛନ୍ତି।

ରାମବନର ଡେପୁଟି କମିଶନର ବସୀର ଉଲ ହକ ଚୌଧୁରୀ କହିଛନ୍ତି ଯେ ରାତିସାରା ହୋଇଥିବା ମୁସଳଧାର ବର୍ଷା ଯୋଗୁଁ ଜିଲ୍ଲାର ଅନେକ ସ୍ଥାନରେ ଭୁସ୍ଖଳନ ଏବଂ ହଠାତ ଆସିଥିବା ବନ୍ୟାରେ ଅଚଳ ସମ୍ପତ୍ତି ଏବଂ କିଛି ଯାନବାହାନର ଗୁରୁତର କ୍ଷୟକ୍ଷତି ହୋଇଛି,ବିଶେଷକରି ଜାମ୍ମୁ-ଶ୍ରୀନଗର ରାଜପଥରେ। ସେ କହିଛନ୍ତି ଯେ ଅଞ୍ଚଳରେ ବଡ ଉଦ୍ଧାର କାର୍ଯ୍ୟ ଚାଲିଛିଏବଂ ରାସ୍ତା ବନ୍ଦ ହେବା କାରଣରୁ ରାତିରୁ ଯନ୍ତ୍ରପାତି ଏବଂ ଉଦ୍ଧାର ଦଳକୁ ନିୟୋଜିତ କରାଯାଇଛି ।ଡେପୁଟି କମିଶନର ନିଶ୍ଚିତ କରିଛନ୍ତି ଯେ ଏହି ଦୁର୍ଘଟଣାରେ ତିନିଜଣଙ୍କର ଦୁର୍ଭାଗ୍ୟବଶତଃ ମୃତ୍ୟୁ ହୋଇଛି। ରାମବାଗର ସେରିବାଗନା ଅଞ୍ଚଳରେ ବାଦଲ ଫାଟିବାରୁ ବନ୍ୟା ଆସି ଯାଇଛି। ଫଳରେ ଅନେକ ସ୍ଥାନରେ ଭୂ-ସ୍ଖଳନ ହୋଇଛି। ଜାମ୍ମୁ-ଶ୍ରୀନଗର ନ୍ୟାସନାଲ ହାଇୱେ ବନ୍ଦ ହୋଇଯାଇଥିବାରୁ ଶହଶହ ଗାଡ଼ି ଜାତୀୟ ରାଜମାର୍ଗରେ ଅଟକି ରହିଛନ୍ତି। ଜାମ୍ମୁ-କାଶ୍ମୀରରେ ଗତ କିଛି ଦିନ ହେଲା ବର୍ଷା ଜାରି ରହିଛି। ତେବେ ଗତ ୨୪ ଘଣ୍ଟାହେଲା ଲାଗି ରହିଥିବା ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। କିସ୍ତୱାଡା-ପଦ୍ଧାର ମାର୍ଗ ମଧ୍ୟ ବାହନ ଚଳାଚଳ ପାଇଁ ବନ୍ଦ ରହିଛି। ଅଧିକାରୀମାନେ ପାଗ ସଫା ହେବା ପରେ ଯାଇ ଜାତୀୟ ରାଜମାର୍ଗରେ ଯାନବାହନ ଚଳାଚଳ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ଲ୍ୟାଣ୍ଡ ସ୍ଲାଇଡ ଫଳରେ ପାହାଡ଼ର ଆବର୍ଜନା ଜନବସତୀ ଅଞ୍ଚଳକୁ ପ୍ରବେଶ କରୁଥିବା ଦେଖାଯାଇଛି। ୩-୪ଟି ଟ୍ୟାଙ୍କର ଓ ଅନ୍ୟ କେତେକ ଗାଡ଼ି କାଦୁଅରେ ପୋତି ହୋଇ ରହିଥିବା ଦେଖାଯାଇଥିଲା। ଏହାଛଡା ହୋଟେଲ ଓ ଘର ବି ପାହାଡରୁ ଭାସିଆସିଥିବା କାଦୁଅରେ ପ୍ରଭାବିତ ହୋଇଥିବା ଦେଖା ଯାଉଛି। ଧରମକୁଣ୍ଡରେ ଭୀଷଣ ବର୍ଷା ଯୋଗୁ ଚିନାବ ନଦୀକୁ ଲାଗି ରହିଥିବା ନାଳର ପାଣି ଗାଁକୁ ପଶିଛି। ଏହି ବନ୍ୟାରେ ୧୦ଟି ଘର ଭାସିଯାଇଥିବା ବେଳେ ୨୫-୩୦ ଘର ଅଳ୍ପବହୁତେ କ୍ଷତିଗ୍ରସ୍ତ ହୋଇଛି। ଧରମକୁଣ୍ଡ ପୋଲିସ ଅଞ୍ଚଳରେ ଫଶି ରହିଥିବା ୧୦୦ ଜଣ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଛି ।

## ପତ୍ନୀ ନିର୍ଯାତନାରୁ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୦।୪: ସ୍ତ୍ରୀ ଚାକିରି ନପାଇବା ପର୍ଯ୍ୟନ୍ତ ସବୁ ଠିକ୍ ଥିଲା। ହେଲେ ଚାକିରି ପାଇବା ପରେ ଏମିତି ବ୍ୟବହାର କଲା, ଯେ ଆଜି ତା ପାଇଁ ମୁଁ ଆତ୍ମହତ୍ୟା କରୁଛି। ପୁରୁଷ ସୁରକ୍ଷା ପାଇଁ ଯଦି କିଛି ଆଇନ ଥାନ୍ତା ତେବେ ହୁଏତ ମୁଁ ଜୀବନ ହାରି ନଥାନ୍ତି। ନୋଏଡ଼ାର ଜଣେ ଫିଲ୍ମ ଇଞ୍ଜିନିୟର ଆତ୍ମହତ୍ୟା କରିବା ପୂର୍ବରୁ ଏକ ଭିଡିଓ ରେକର୍ଡିଂ କରି ପତ୍ନୀ ଓ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି। ଇଞ୍ଜିନିୟର ମୋହିତ କୁମାର ନୋଏଡ଼ାର ଏକ ହୋଟେଲ୍ ରୁମରେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ବେଙ୍ଗାଲୁରୁ ସଫ୍ଟୱାର ଇଞ୍ଜିନିୟର ଅତୁଲ ଶ୍ରୀବସ୍ତାବଙ୍କ ପରି ନ୍ୟାୟ ନମିଳିଲେ ତାଙ୍କ ପାଉଁଶ ମଧ୍ୟ ନାଳରେ ବୁହାଇ ଦେବାକୁ ସେ ରେକର୍ଡ ହୋଇଥିବା ଭିଡିଓରେ କହିଯାଇଛନ୍ତି। ଭିଡିଓରେ ମୋହିତ କହିଛନ୍ତି ଯେ ତାଙ୍କ ପତ୍ନୀ ଓ ଶ୍ୱଶୁର ଘର ଲୋକେ ତାଙ୍କର ସବୁ ସମ୍ପତ୍ତି ପତ୍ନୀ ନାଁକୁ ଟ୍ରାନ୍ସଫର କରିବାକୁ ବାଧ କରୁଥିଲେ ଏବଂ ନକଲେ ଯୌତୁକ ନିର୍ଯାତନା ଦେବାକୁ ଧମକାଉଥିଲେ। ଭିଡିଓ ରେକର୍ଡିଂ କରି ମୋହିତ କହିଛନ୍ତି ଆପଣମାନଙ୍କ ପାଖରେ ଏହି ଭିଡିଓ ପହଞ୍ଚିବା ବେଳକୁ ମୁଁ ଏହି ଦୁନିଆରେ ନଥିବି। ଯଦି ପୁରୁଷମାନଙ୍କ ପାଇଁ କୌଣସି ଆଇନ ଥାଆନ୍ତା, ହୁଏତ ମୁଁ ଏହି ପଦକ୍ଷେପ ନେଇ ନଥାନ୍ତି। ମୋ ସ୍ତ୍ରୀ ଏବଂ ତାଙ୍କ ପରିବାର ଦ୍ୱାରା ମାନସିକ ନିର୍ଯାତନା ମୁଁ ସହ୍ୟ କରିପାରୁ ନାହିଁ ମାଆ, ବାପା, ଦୟାକରି ମୋତେ କ୍ଷମା କରିଦେବ।

# ରତ୍ନଭଣ୍ଡାରରେ ସ୍ଥିତି ସାଂଘାତିକ କଥା କହିଲେ ଆଇନମନ୍ତ୍ରୀ

ଭୁବନେଶ୍ୱର,୨୦।୪(ମହାଭାରତ): ରତ୍ନ ଭଣ୍ଡାର ମରାମତି ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବଡ ବକ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ରତ୍ନଭଣ୍ଡାର ମରାମତି ହୋଇ ନ ଥିଲେ ଭୁଶୁଡ଼ି ପଡ଼ି ଥାଆନ୍ତା।

ଆଜି ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି ଯେ, ସ୍ନାନ ପୂର୍ଣ୍ଣିମା ପୂର୍ବରୁ ରତ୍ନ ଭଣ୍ଡାର ମରାମତି ଚୂଡ଼ାନ୍ତ ସ୍ଥିତିକୁ ଆସିଲାଣି। ନିତିକାନ୍ତି ବ୍ୟାଘାତ ନ କରି ମରାମତି କାମ ଚାଲିଛି। ଦିନରେ ଦେଢ଼ ଘଂଟାରୁ ଦୁଇ ଘଂଟା ମରାମତି କାମ ଚାଲିଛି। ରତ୍ନ ଭଣ୍ଡାରର ଯେତିକି ଡ୍ୟାମେଜ ହୋଇଥିଲା, ଯଦି ମରାମତି ହୋଇ ନ ଥାଆନ୍ତା, ମୋର ତ ଆଶଙ୍କା ଯେ ହୁଏତ ଭିତର କେତେବେଳେ ଭୁଶୁଡ଼ି ପଡ଼ିଥାଆନ୍ତା। ତେଣୁ ସେଭଳି ସ୍ଥିତିରେ ଥିବା ରତ୍ନ ଭଣ୍ଡାରକୁ ସମ୍ପୂର୍ଣ୍ଣରୂପେ ଶହେରୁ ଦୁଇ ଶହ ବର୍ଷ ଠିକ୍ ଢ଼ଙ୍ଗରେ ରହିଲା ପରି ମରାମତିର ଯେଉଁ



ପ୍ରକ୍ରିୟା ରହିଛି। ତାକୁ ନଜର ରଖି ଏଏସଆଇକୁ କୌଣସି ପ୍ରକାର ବ୍ୟସ୍ତ କରାଯାଉନାହିଁ। ସେମାନେ ତାଙ୍କ ନିଜ ଟାଇମରେ କାମ କରୁଛନ୍ତି। ଯେହେତୁ ଏଏସଆଇ କୁ ସମୟ କମ ଦିଆଯାଉଛି। ସେଇ ଦୃଷ୍ଟିରୁ ବିଳମ୍ବିତ ହେଉଛି। ସ୍ନାନ ଯାତ୍ରା ପୂର୍ବରୁ ଆମେ ବି ସାରିବା ପାଇଁ ଚେଷ୍ଟା କରୁଛୁ। ରତ୍ନଭଣ୍ଡାରର କାମ ସରିବା ପର୍ଯ୍ୟନ୍ତ ଅପେକ୍ଷା କରିବା।

ସେହିପରି ପୁରୀ ଶ୍ରୀମନ୍ଦିରରେ ହୁଣ୍ଡି ସିଫ୍ଟିଂ ପରେ ହିଁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ । ସେ କହିଛନ୍ତି ଯେ ପରିଚାଳନା ସମିତିର ଚୂଡ଼ାନ୍ତ ରୂପ ଚଳିତ ମାସ ସୁଦ୍ଧା ଶେଷ ହେବ। ହୁଣ୍ଡିର ସିଫ୍ଟିଂ ପାଇଁ ପରିଚାଳନା ସମିତି ଓ ସରକାରଙ୍କ ମଧ୍ୟରେ ସହମତି ରହିବାର ଆବଶ୍ୟକତା ଅଛି । ହୁଣ୍ଡି ସିଫ୍ଟିଂ ସହିତ ଧାଡ଼ି ଦର୍ଶନ ବ୍ୟବସ୍ଥାର ସଂପୃକ୍ତି ରହିଛି । ହୁଣ୍ଡି ସିଫ୍ଟିଂ ପରେ ହିଁ ଧାଡ଼ି ଦର୍ଶନ ପାଇଁ ଯାହା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି।ଖୁବଶୀଘ୍ର ଏହା କାମରେ ଲାଗିବ ।ହୁଣ୍ଡି ସିଫ୍ଟିଂ ହେବାର ଦୁଇ ଚାରି ଦିନ ଭିତରେ ହିଁ ଏହି ପ୍ରକ୍ରିୟା ଆରମ୍ଭ ହେବ।

## ବାଲିପାଟଣା ଗୁଳିକାଣ୍ଡ ଘଟଣାରେ ନୂଆ ମୋଡ଼

**ବାଲିପାଟଣା,୨୦।୪ (ମହାଭାରତ):** ରାଜଧାନୀ ଉପକଣ୍ଠ କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ନିକଟରେ ଗତକାଲି ରାତିରେ ଜନୈକ ଯୁବକଙ୍କୁ ଗୁଳିମାଡ଼ ଘଟଣାର ପୀଡ଼ିତ ହିଁ ଅଭିଯୁକ୍ତ। ଏଭଳି ସାଂଘାତିକ ତଥ୍ୟ ଏବେ ସାମ୍ନାକୁ ଆସିଛି। ଗୁଳିମାଡ଼ରେ ଆହତ ଯୁବକ ହେଲେ ଗୁଆପୁର ଗ୍ରାମର ଦୀପ୍ତି ରଞ୍ଜନ ମହାପାତ୍ର ଓରଫ କୁନା। ଦୀପ୍ତିଙ୍କ ବାମ ହାତରେ କହୁଣୀ ଉପର ଭାଗରେ ଗୁଳି ବାଜି ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପୁଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରିବା ପରେ ଯୁବକଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଥିଲା।

ନିଜେ ନିଜକୁ ଗୁଳି କରିଥିଲା ଦୀପ୍ତି। ୨୦୨୪ରେ ଏକ ଦୁଷ୍କର୍ମ ମାମଲାରେ ଜେଲ ଫେରନ୍ତା ଦୀପ୍ତି ରଚିଥିବା ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି ପୁଲିସ। ଦୁଷ୍କର୍ମ ପୀଡ଼ିତାଙ୍କ ସ୍ୱାମୀଙ୍କୁ ଫସାଇବାକୁ ବଡ଼ ଯୋଜନା କରିଥିଲା ଦୀପ୍ତି। ଏଣୁ ପୀଡ଼ିତାଙ୍କ ଘର ସମ୍ମୁଖରେ ଛିଡ଼ା ହୋଇ ନିଜ ହାତକୁ ନିଜେ ଗୁଳି ମାରିଥିଲା ଓ ତଦନ୍ତ ପରେ ସାମ୍ନାକୁ ଆସିଲା ସତ। ଦୀପ୍ତି ଏବେ ହସ୍ପିଟାଲରେ ଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ପରେ ତାକୁ ଗିରଫ କରାଯିବ ବୋଲି ପୁଲିସ କହିଛି।

## ରଘୁରାଜପୁର ପରିଦର୍ଶନ କଲେ ରାଜ୍ୟପାଳ ଦମ୍ପତି

**ପୁରୀ,୨୦।୪ (ମହାଭାରତ):** ରାଜ୍ୟପାଳ ଡଃ. ହରି ବାବୁ କମ୍ଭମପାଟି ଓ ଓଡ଼ିଶାର ଫାଷ୍ଟ ଲେଡି ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ଆଜି ଅପରାହ୍ନରେ



କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରିଥିଲେ। ରାଜ୍ୟପାଳ ଦମ୍ପତି ରଘୁରାଜପୁରରେ ପହଂଚିବା ପରେ ଗୋଟିପୁଅ କଳାକାର ମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ ଦମ୍ପତି ରଘୁରାଜପୁରର ପଟ୍ଟଚିତ୍ର ଓ ଅନ୍ୟାନ୍ୟ ହସ୍ତକଳା ସାମଗ୍ରୀ ଦେଖି ଅଭିଭୂତ ହୋଇଥିଲେ। କଳା ଗୁରୁ ଓ ଶିଳ୍ପୀ ମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ସଦର ବିଡ଼ିଓ ସମ୍ପିତ ଶତପଥୀ, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ଉମାପତି ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଗ୍ରାମ ସମ୍ପାଦକ ଅଭିରାମ ଦାସ, ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ବସନ୍ତ କୁମାର ପ୍ରଧାନ, ଦଶଭୂଜା ଗୋଟିପୁଅ ଓଡିଶୀ ନୃତ୍ୟ ପରିଷଦର ସମ୍ପାଦକ ସେବେନ୍ଦ୍ର ଦାସ, ଶିଳ୍ପୀ ଗୁରୁ ବନମାଳୀ ମହାପାତ୍ର ଓ ଅନ୍ୟ ଶିଳ୍ପୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମୂହ ଇସ୍ତଫା ଧମକ ଦେଲେ ଡାକ୍ତର

**ଭୁବନେଶ୍ୱର,୨୦।୪(ମହାଭାରତ):** ଓଡ଼ିଶା ମେଡିକାଲ ଆସୋସିଏସନ (ଓଏମଏସଏ) ରାଜ୍ୟ ସରକାରଙ୍କୁ ଏକ ମାସ ମଧ୍ୟରେ ସାତ-ଦଫା ଦାବିପତ୍ର ପୂରଣ ନକଲେ କାର୍ଯ୍ୟ ବର୍ଜନ ଏବଂ ଗଣ ଇସ୍ତଫା ଦେବାକୁ ଧମକ ଦେଇଛି। ଓଏମଏସଏ ରବିବାର ରାଜଧାନୀରେ ଏହାର ସାଧାରଣ ସଭା ଅନୁଷ୍ଠିତ କରିବା ପରେ ଏହି ଘୋଷଣା କରିଛି।।



ଓଏମଏସଏ ସହ ଜଡ଼ିତ ଡାକ୍ତରମାନେ ରାଜ୍ୟରେ ତୁରନ୍ତ ଡାଇନାମିକ ଆସୁରଡ଼ କ୍ୟାରିୟର ପ୍ରୋଗ୍ରେସନ (ଡିଏସିପି) କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି ଦେଶର ଅନ୍ୟୁନ ୧୮ଟି ରାଜ୍ୟରେ ସରକାରୀ ହସ୍ପିଟାଲରେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କ ପାଇଁ ଡିଏସିପି କାର୍ଯ୍ୟକାରୀ ହୋଇସାରିଛି ବୋଲି ସେମାନେ ଦାବି କରିଛନ୍ତି।

ଏହା ବ୍ୟତୀତ, ଡାକ୍ତରମାନେ ଓଡ଼ିଶାରେ ଗତ ସାତ ବର୍ଷ ଧରି ହୋଇନଥିବା କ୍ୟାଡର ପୁନର୍ଗଠନ କରିବାକୁ ଅନୁରୋଧ କରିଛନ୍ତି ଏହା ସହିତ, ଓଏମଏସଏ ରାଜ୍ୟ ସରକାରଙ୍କୁ ଓଡ଼ିଶାର ଦନ୍ତ ଚିକିତ୍ସକମାନଙ୍କୁ ଡିଏସିପି, ପୋଷ୍ଟ ଗ୍ରାଜୁଏସନ ପାଇଁ ପ୍ରୋତ୍ସାହନ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ଅନୁରୋଧ କରିଛି।

ସେହିପରି, ଡାକ୍ତରମାନଙ୍କ ସଂଗଠନ ସରକାରଙ୍କୁ ଅନୁରୋଧ କରିଛି ଯେ ଅସ୍ଥାୟୀ ଡାକ୍ତରମାନଙ୍କର ଚୁକ୍ତିବଦ୍ଧ ଅବଧିକୁ ଡିଏସିପି କାର୍ଯ୍ୟକାରୀ କରିବା ସମୟରେ ବିଚାରକୁ ନିଆଯାଉ। ଏହା ବ୍ୟତୀତ, ଓଏମଏସଏ ସରକାରଙ୍କୁ ଡାକ୍ତରମାନଙ୍କୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି କରିବା ସମୟରେ ସ୍ୱଚ୍ଛତା ବଜାୟ ରଖିବାକୁ ଅନୁରୋଧ କରିଛି। ଯେଉଁ ଡାକ୍ତରମାନେ କେବିକେ ଅଞ୍ଚଳରେ ପାଞ୍ଚ ବର୍ଷ ଧରି ସେବା କରିସାରିଛନ୍ତି, ସେମାନଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ଅନ୍ୟ ସ୍ଥାନକୁ ବଦଳି କରାଯାଉ, ଓଏମଏସଏ କହିଛି।

ସେହିପରି ସଂଗଠନ ସରକାରୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ସମସ୍ତ ଡାକ୍ତରମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମାର ବ୍ୟବସ୍ଥା କରିବାକୁ ମଧ୍ୟ ଅନୁରୋଧ କରିଛି। ଏହା ବ୍ୟତୀତ, ସେମାନେ ସରକାରଙ୍କୁ ଡାକ୍ତରମାନଙ୍କର ମୂଲ୍ୟାଙ୍କନ ରିପୋର୍ଟ ଜାରି କରିବା ପାଇଁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ଅଧିକାର ଦେବା ପାଇଁ ଆବଶ୍ୟକ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛନ୍ତି।

# କର୍ଣ୍ଣାଟକରେ ପୂର୍ବତନ ଡିଜିଙ୍କୁ ହତ୍ୟା

**ବେଙ୍ଗାଲୁରୁ,୨୦।୪:** କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁରୁ ଏକ ବଡ ଖବର ଆସିଛି। ବେଙ୍ଗାଲୁରୁରେ, ପୂର୍ବତନ କର୍ଣ୍ଣାଟକ ଡିଜିପି ଓମ ପ୍ରକାଶଙ୍କୁ ହତ୍ୟା କରାଯାଇଛି। ତାଙ୍କ ସ୍ତ୍ରୀ ତାଙ୍କୁ ଛୁରୀ ଭୁସି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ତଥାପି, ପୋଲିସ ଏବେ ବି ଏହି ଘଟଣାର ତଦନ୍ତ କରୁଛି ।ତାଙ୍କ ମୃତଦେହ ବେଙ୍ଗାଲୁରୁର ଏଚଏସଆର ଲେଆଉଟ୍ ସ୍ଥିତ ତାଙ୍କ ଘରୁ ମିଳିଥିଲା। ଘଟଣା ସମୟରେ, ଘରେ କେବଳ ତାଙ୍କ ସ୍ତ୍ରୀ ଏବଂ ଝିଅ ଉପସ୍ଥିତ ଥିଲେ। ପତ୍ନୀ ହିଁ ଫୋନ୍ କରି ଏ ବିଷୟରେ ପୋଲିସକୁ ଜଣାଇଥିଲେ। ସୂଚନା ମିଳିବା ମାତ୍ରେ ପୋଲିସ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ।



ମାମଲାର ତଦନ୍ତ ଚାଲିଛି ।ତଦନ୍ତ ପରେ ଜଣାପଡିଲା ଯେ ତାଙ୍କୁ ହତ୍ୟା କରାଯାଇଛି। ପୋଲିସ ସନ୍ଦେହ କରୁଛି ଯେ ପୂର୍ବତନ ଡିଜିପି ଓମ ପ୍ରକାଶଙ୍କୁ ତାଙ୍କ ପତ୍ନୀ ହତ୍ୟା କରିଛନ୍ତି, କାରଣ ତାଙ୍କ ସ୍ତ୍ରୀ ଏବଂ ଝିଅ ଘରେ ହିଁ ଥିଲେ।

ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପତ୍ନୀ ହିଁ ପୋଲିସକୁ ଫୋନ୍ କରି ହତ୍ୟା ବିଷୟରେ ଜଣାଇଥିଲେ, କିନ୍ତୁ ଯେତେବେଳେ ପୋଲିସ ଦଳ ସେମାନଙ୍କ ଘରେ ପହଞ୍ଚିଲେ, ସେମାନେ କବାଟ ଖୋଲିବାକୁ ମନା କରିଦେଲେ ।ବର୍ତ୍ତମାନ ଏହି ଘଟଣାର ତଦନ୍ତ କରାଯାଉଛି ।ବର୍ତ୍ତମାନ ପୋଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି।

ତାଙ୍କ ଶରୀରରେ ଆଘାତ ଚିହ୍ନ ମଧ୍ୟ ମିଳିଛି। ତାଙ୍କ ସ୍ତ୍ରୀ ପଲ୍ଲବୀଙ୍କୁ ପଚରାଉଚରା କରାଯାଉଛି। ବେଙ୍ଗାଲୁରୁର ଅତିରିକ୍ତ କମିଶନର ବିକାଶ କୁମାର କହିଛନ୍ତି, ଆଜି ଅପରାହ୍ନ ପ୍ରାୟ ୪-୪:୩୦ ସମୟରେ ଆମେ ଆମର ପୂର୍ବତନ ଡିଜିପି ଓମ ପ୍ରକାଶଙ୍କ ମୃତ୍ୟୁ ବିଷୟରେ ସୂଚନା ପାଇଲୁ। ତାଙ୍କ ପୁଅ ସହିତ ଯୋଗାଯୋଗ କରାଯାଇଛି ଏବଂ ଏକ ଏଫଆଇଆର ପଞ୍ଜିକୃତ ହେବ ମାମଲା ପଞ୍ଜିକୃତ ହେବା ପରେ, ଏକ ବିସ୍ତୃତ ତଦନ୍ତ କରାଯିବ ଏପର୍ଯ୍ୟନ୍ତ କୌଣସି ଗିରଫଦାରୀ ହୋଇନାହିଁ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ଏକ ଧାରୁଆ ଅସ୍ତ୍ର ବ୍ୟବହାର କରାଯାଇଛି, ଯାହା ଫଳରେ ଏତେ ରକ୍ତସ୍ରାବ ହୋଇଛି ଯେ ମୃତ୍ୟୁ ଘଟିଛି। ।ଓମ୍ ପ୍ରକାଶ ୧୯୮୧ ବ୍ୟାଚ୍ ର ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ଥିଲେ। ୨୦୧୫ ମାର୍ଚ୍ଚରେ ତାଙ୍କୁ ପୁଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିଲା ।ଏହା ପୂର୍ବରୁ ସେ ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ହୋମଗାର୍ଡରେ ମଧ୍ୟ ନେତୃତ୍ୱ ନେଇଥିଲେ।

## ବଜ୍ରପାତରେ ଦୁଇ ମୃତ

ବଲାଙ୍ଗିର,୨୦।୪(ମହାଭାରତ): ଆଜି ଅପରାହ୍ନରେ ହଠାତ୍ ବିଜୁଳି ମାରିବାରୁ ବଲାଙ୍ଗୀର ଜିଲ୍ଲାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ସଇଁନ୍ତଳା ଓ ପାଟଣାଗଡ଼ରେ ଦୁଇ ଜଣଙ୍କ ଜୀବନ ଯାଇଛି। ଛେଳି ଚରାଇବାକୁ ଯାଇଥିବା ବେଳେ ଜଣେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଚାଷ ବିଲରେ ଟଳି ପଡ଼ିଛନ୍ତି।

ପ୍ରଥମ ଘଟଣା ବଲାଙ୍ଗୀର ଜିଲ୍ଲା ସଇଁନ୍ତଳା ବ୍ଲକ କରମତଲା ପଂଚାୟତ ତୁଷ୍ଟାପାଲି ଗ୍ରାମରେ ଘଟିଛି। ଗାଁର ସ୍ନେହଲତା ବୁଡେକ ନାମକ ମହିଳା ଛେଳି ଚରାଇବାକୁ ଯାଇଥିଲେ ।ତାଙ୍କ ସହ ଅନ୍ୟ କିଛି ଗାଁ ଲୋକ ମଧ୍ୟ ଥିଲେ। ହଠାତ ପବନ ବହିବା ସହ ବର୍ଷା ଆରମ୍ଭ ହୋଇଥିଲା। କିଛି ସମୟ ବର୍ଷା ପରେ ଘଡିଘଡି ସହ ବିଜୁଳି ମାରିଥିଲା। ତେବେ ମହିଳା ଜଣକ ଚାଷ ଜମିରୁ ଛେଳିଙ୍କୁ ଘଉଡ଼ାଇ ନେବା ସମୟରେ ବଜ୍ରାଘାତ ହୋଇଥିଲା ।ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ନିକଟରେ ଥିବା ଆଉ ଜଣେ ବ୍ୟକ୍ତି



ଗୁରୁତର ହୋଇଥିଲେ। ତାଙ୍କ ନା ଗୌରାଙ୍ଗ ବୁଡ଼େକ। ଏନେଇ ଅନ୍ୟଲୋକ ମାନେ ମହିଳାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଯୋଗେ ମହିଳାଙ୍କୁ ସଇଁନ୍ତଳା ଡାକ୍ତରଖାନା ଅଣାଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

ଅନ୍ୟପଟେ ପାଟଣାଗଡ଼ରେ ବଜ୍ରଘାତରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ସରମୁହାଣ ଗାଁର ଗଙ୍ଗାଧର ଧରୁଆ। ବାଗଦୋର ଗାଁର ଏକ ଚାଷ ଜମିରେ ଟ୍ରାକ୍ଟରରେ କାମ କରୁଥିବା ସମୟରେ ହୋଇଥିଲା ବଜ୍ରାଘାତ।

## ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି , କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା , କଞ୍ଚା ,ଲଙ୍କା , ଲୁଣ ,ଚିନି , ଲେମ୍ବୁ ରସ , ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ , ଅଦା , କଞ୍ଚା ଲଙ୍କା, ଲୁଣ ଚିନି , ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ , ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦୋ ନାନା , କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।



##### ପରଦା ଖବର

## ଅର୍ଚ୍ଚିତା ଏଥର ଡେଲିଭରି ବୟ

ଜ୍ୟୋତିରଞ୍ଜନ ମହାନ୍ତିଙ୍କ ପ୍ରଯୋଜିତ ତଥା ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ଡେଲିଭରି ବୟ' ୨୦୨୩ ଏପ୍ରିଲ୍ ୭ ତାରିଖରେ ମୁକ୍ତିଲାଭ କରିଥିଲା।ଜଣେ ଡେଲିଭରି ବୟର ଦୁର୍ଘଟଣାଜନିତ ମୃତ୍ୟୁ ଘଟଣା ନ୍ୟାୟାଳୟରେ ପହଞ୍ଚେ। ବିଚାର ପରେ ମୃତ ଡେଲିଭରି ବୟକୁ ନ୍ୟାୟ ମିଳେ। ଏଥିରେ ଶୈଳେନ୍ଦ୍ର ଓ ସନ୍ତୁ ଶୀର୍ଷକ ଭୂମିକାରେ ଅଭିନୟ କରିଥିଲେ। ଏଭଳି ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ 'ଡେଲିଭରି ବୟ'କୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ପ୍ରଯୋଜକ ଜେ.ଆର.ଏମ୍.ଙ୍କ କାହାଣୀକୁ ସଂଳାପରେ ସଜାଇଥିଲେ ଡ. ଦୀପକ ଜେନା। ଏଥିରେ ବୁଦ୍ଧାଦିତ୍ୟ, ସୂର୍ଯ୍ୟମୟୀ, ଶୈଳେନ୍ଦ୍ର, ଶକ୍ତି ବରାଳ, ଜୀବନ ପଣ୍ଡା, ସୁଶାନ୍ତ, ଇଲୁ ବାନାର୍ଜୀ, ସରୋଜ ଦାଶ, ଚୌଧୁରୀ ବିକାଶ ଦାସ, ସନ୍ତୁ, ଅମନ୍, ଗୁଞ୍ଜୁ, ପ୍ରିୟମ୍ବଦା ଓ ପୁପୁଲ୍



ପ୍ରମୁଖ ଅଭିନୟ କରିଥିଲେ।ଏବେ ଏହାର ଦ୍ୱିତୀୟ ସଂସ୍କରଣ 'ଡେଲିଭରି ବୟ-୨' ମୁକ୍ତିଲାଭ କରିବାକୁ ଯାଉଛି। କୌତୂହଳର ବିଷୟ ହେଲା, ଦର୍ଶକ ଏଥିରେ ନାୟିକା ଅର୍ଚ୍ଚିତାଙ୍କୁ ଡେଲିଭରି ବୟ ଭୂମିକାରେ ଦେଖିବାକୁ ପାଇବେ। ସେ ପଲ୍ଲବୀ ନାମ୍ନୀ ଜଣେ ମହିଳା ଡେଲିଭରି ବୟ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। କିଭଳି ସମସ୍ୟାରେ ପଡ଼ି ଜଣେ ଶିକ୍ଷିତ ଯୁବତୀ ଏଭଳି ବୃତ୍ତି ଆପଣାଇଛି, ତାହାକୁ ନେଇ କାହାଣୀ ଗତିଶୀଳ ହୋଇଛି। ଫିଲ୍ମର ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀଙ୍କ କହିବା ଅନୁଯାୟୀ, ଏହା ଏକ ବଡ଼ ବଜେଟ୍ ଓ ବଡ଼ ଷ୍ଟାର୍କାଷ୍ଟ ସିନେମା। ଏଥିରେ ଅର୍ଚ୍ଚିତାଙ୍କୁ ଦର୍ଶକ ପୁଣି ଥରେ ଭିନ୍ନ ଧରଣର ଭୂମିକା ଓ ଗେଟ୍ଅପ୍ରେ ଦେଖିବାକୁ ପାଇବେ। 'ପାଦେ ଆକାଶ'କୁ ନେଇ ସଂପ୍ରତି ଚର୍ଚ୍ଚାରେ ଥିବା ଅର୍ଚ୍ଚିତା ଜ୍ୟୋତିରଞ୍ଜନ ମହାନ୍ତିଙ୍କ ପ୍ରଯୋଜିତ 'ଡେଲିଭରି ବୟ ୨'ରେ ପୁଣି ନିଜ ପ୍ରତିଭାର ଉପଯୁକ୍ତ ପ୍ରଦର୍ଶନ କରିଛନ୍ତି ବୋଲି ଚର୍ଚ୍ଚା ହେଉଛି।

## କେଉଁ ଦିଗକୁ ମୁଣ୍ଡ କରି ଶୋଇଲେ କଣ ହୁଏ

ସୁସ୍ଥ ଜୀବନ ପାଇଁ ନିଦ୍ରା ନିହାତି ଆବଶ୍ୟକ । ସୁସ୍ଥ ଓ ନିରୋଗ ରହିବା ପାଇଁ ଜଣେ ବ୍ୟକ୍ତି ୮ଘଣ୍ଟା ଶୋଇବା ଉଚିତ ବୋଲି ଡ଼ାକ୍ତର ମାନେ ମଧ୍ୟ ପରାମର୍ଶ ଦେଇଥାନ୍ତି । ଏହା ସ୍ୱାରା ଆଗାମୀ ଦିନ ପାଇଁ ନୂଆ ଶକ୍ତି ମିଳିଥାଏ। ସେହିପରି ଆବଶ୍ୟକ ଅନୁଯାୟୀ ସୁଖ ନିଦ୍ରା ନ ହେଲେ ଶରୀରରେ ବିଭିନ୍ନ ରୋଗ ହୋଇଥାଏ । ଭିନ୍ନ ଭିନ୍ନ ଦିଗକୁ ମୁଣ୍ଡ କରି ଶୋଇଲେ ଶରୀର ଉପରେ ଭିନ୍ନ ଭିନ୍ନ ପ୍ରଭାବ ପଡ଼ିଥାଏ । ତେଣୁ ଶୋଇବା ସମୟରେ ଦିଗ ପ୍ରତି ଧ୍ୟାନ ଦେବା ଉଚିତ । ଆସନ୍ତୁ ଜାଣିବା କେଉଁ ଦିଗକୁ ମୁଣ୍ଡ କରି ଶୋଇଲେ ଶରୀର ଉପରେ କି ପ୍ରଭାବ ପଡ଼େ।

ଚାରି ଦିଗରୁ ମୁଖ୍ୟତଃ ଦକ୍ଷିଣ ଓ ପୂର୍ବ ଦିଗକୁ ମୁଣ୍ଡ କରି ଶୋଇଲେ ସବୁଠାରୁ ଭଲ ଫଳ ମିଳିଥାଏ । ଉତ୍ତର ଓ ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇଲେ ସ୍ୱାସ୍ଥ୍ୟ ପ୍ରତି ଖରାପ । ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୋଇଲେ ଶରୀର ପ୍ରତି ବେଶ ଲାଭଦାୟକ । କାରଣ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସର୍ବଦା ଦକ୍ଷିଣରୁ ଉତ୍ତର ଦିଗକୁ ପ୍ରଭାବିତ ହୋଇଥାଏ । ଯଦି କେହି ବ୍ୟକ୍ତି ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୋଇଥାନ୍ତି ,ସେହି ସମୟରେ ଏହି ଶକ୍ତି ମୁଣ୍ଡରୁ ପ୍ରବେଶ ହୋଇ ଗୋଡ଼ ବାଟେ ବାହାରି ଯାଇଥାଏ । ଫଳରେ ସକାଳୁ ଉଠିବା ପରେ ବ୍ୟକ୍ତିଙ୍କୁ ତାଜାପଣ ଓ ଫୂର୍ତ୍ତି ଅନୁଭବ ହୋଇଥାଏ । ତେଣୁ ବିଭିନ୍ ସମସ୍ୟାରୁ ମୁକ୍ତି ମିଳିଥାଏ। ସେହିପରି ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବା ଖରାପ ବୋଲି କୁହାଯାଇଥାଏ। ପୂର୍ବ ଦିଗକୁ ମୁଣ୍ଡ କରି ଶୋଇବା ମାନବ ଜାତି ପାଇଁ ଫଳପ୍ରଦ ହୋଇଥାଏ। କାରଣ ସୂର୍ଯ୍ୟ ପୂର୍ବ ଦିଗରୁ ଉଦୟ ହେଉଥିବାରୁ ମୁଣ୍ଡରେ ନୂଆ ଶକ୍ତି ସଞ୍ଚାର ହୋଇଥାଏ। ଏହା ଶରୀର ପାଇଁ ବେଶ ଲାଭଦାୟକ। ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇଲେ ଏହାର ବିପରୀତ ଫଳ ମିଳିଥାଏ।



## ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦିଏ ଖଜୁରୀ

ଋତୁ ପରିବର୍ତ୍ତନ ଅନୁଯାୟୀ ଶରୀରକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପାନୀୟ ଉପରେ ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ଏହି କ୍ରମରେ ଅନେକ ଲୋକ ଶୀତଦିନେ ଡାଏଟରେ ଖଜୁରୀକୁ ସାମିଲ କରନ୍ତି । କାରଣ ବିଶେଷଜ୍ଞଙ୍କ କହିବା ଅନୁସାରେ ଖଜୁରୀ ଶରୀରକୁ ଗରମ ରଖିବାରେ ସାହାଯ୍ୟ କରିଥାଏ । ତା'ସହିତ ଏଥିରୁ ଆହୁରି ଅନେକ ଫାଇଦା ମିଳିଥାଏ । ତା'ହେଲେ ଆସନ୍ତୁ ଜାଣିବା ଶୀତଦିନେ ଖଜୁରୀ



ଖାଇଲେ ଶରୀରକୁ ଅନ୍ୟ କେଉଁ ସବୁ ଲାଭ ମିଳିଥାଏ।

■ ଶୀତଦିନେ ଥଣ୍ଡାକାଶ ପରି ସମସ୍ୟା ଦେଖା ଦେଇଥାଏ । ଏଥିରୁ ରକ୍ଷା ପାଇବା ପାଇଁ ଗୋଟିଏ ଗ୍ଲାସ ପାଣିରେ ୫ରୁ ୬ଟି ଖଜୁରୀ, ୫ଟି ଗୋଲମରିଚ, ଗୋଟିଏ ଗୁଜୁରାତି ଓ ଏକ ଚାମଚ ଘିଅ ପକାଇ ସିଝାଇ ଦିଅନ୍ତୁ । ଏହି ମିଶ୍ରଣକୁ ରାତିରେ ଶୋଇବା ପୂର୍ବରୁ ପିଅନ୍ତୁ । ଏପରି କଲେ ଥଣ୍ଡାଜ୍ୱର ଭଲ ହୋଇଥାଏ । ଏହାସହ ଖଜୁରୀ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ ।

■ ବୟସ୍କ ଲୋକଙ୍କ ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଖଜୁରୀ ଲାଭଦାୟକ । ଖଜୁରୀ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠି ଯନ୍ତ୍ରଣା କମ୍ ହୋଇଥାଏ ।

■ ଖଜୁରୀରେ ପ୍ରୋଟିନ ଓ ଫାଇବର ପ୍ରଚୁର ମାତ୍ରାରେ ରହିଛି । ଏଥିପାଇଁ ରାତିରେ ଶୋଇବା ପୂର୍ବରୁ ୨ରୁ୩ଟି ଖଜୁରୀକୁ ପାଣିରେ ଭିଜାଇ ସକାଳେ ଖାଲି ପେଟରେ ଖାନ୍ତୁ । ଏହାଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

■ ଖଜୁରୀ ଶରୀରରେ ରକ୍ତର ଅଭାବକୁ ପୂରଣ କରିଥାଏ । କ୍ଷୀରରେ ୩ରୁ୪ଟି ଖଜୁରୀ ପକାଇ ସିଝାନ୍ତୁ। ପରେ ଏହାକୁ ପିଅନ୍ତୁ । ସକାଳେ ଓ ସନ୍ଧ୍ୟାରେ ଏଭଳି ଭାବେ ଖଜୁରୀ ମିଶା କ୍ଷୀର ପିଇଲେ ବ୍ଲଡ ପ୍ରେସର ସମସ୍ୟା ମଧ୍ୟ କମ୍ ହୋଇଥାଏ ।

■ ଯଦି ଆପଣଙ୍କୁ ଭୋକ ଲାଗୁନାହିଁ ତା'ହେଲେ ପ୍ରତିଦିନ ଖଜୁରୀ ଖାନ୍ତୁ ।

■ ପତଳା ଲୋକ ମୋଟା ହେବାକୁ ଚାହୁଁଥିଲେ, ଖଜୁରୀ ଖାଇବା ଅଭ୍ୟାସ କରନ୍ତୁ । ଓଜନ ବୃଦ୍ଧି କରିବାରେ ଖଜୁରୀ ସାହାଯ୍ୟ କରିଥାଏ ।

## ବାର ଅନୁଯାୟୀ ଖାଆନ୍ତୁ ଫଳ ଓ ପନିପରିବା



ଜ୍ୟୋତିଷ ଶାସ୍ତ୍ରରେ ଫଳ ଖାଇବା ସହ ଜଡ଼ିତ କିଛି ନିୟମ ରହିଛିଫ ଶାସ୍ତ୍ରରେ ଖାଦ୍ୟ ଖାଇବାର ଅଭ୍ୟାସ , ସାପ୍ତାହିକ ଭୋଜନ ବିଷୟରେ ବର୍ଣ୍ଣନା କରାଯାଇଛିଫ ସଭିଁଙ୍କ ଭୋଜନର ଅଭ୍ୟାସ ପାଇଁ କିଛି ନିୟମ ରହିଛିଫ ଜାଣନ୍ତୁ ବାର ଅନୁଯାୟୀ ଖାଦ୍ୟରେ ସାମିଲ କରନ୍ତୁ ଏହି ଫଳ , ପନିପରିବା ମିଳିବ ଶୁଭଫଳ

ରବିବାର : ରବିବାର ସୂର୍ଯ୍ୟଙ୍କୁ ସମର୍ପିତଫ ସୂର୍ଯ୍ୟଦେବତାଙ୍କୁ ଲାଲ ରଙ୍ଗର ଜିନିଷ ଅଧିକ ପ୍ରିୟଫ ତେଣୁ ଏହି ଦିନ ଅଲପଣ ଭୋଜନରେ ଲାଲରଙ୍ଗର ଫଳ, ପନିବରିବା, ଡ଼ାଲି ଆଦି ସାମିଲ କରନ୍ତୁ। ଯେପରି ଫଳରେ ସେଓ, ଡ଼ାଳିମ୍ବ, ପନିପରିବାରେ ଟମାଟୋ, ଗାଜର, ବିଟ୍ , ଡ଼ାଲିରେ ମସୁର, ରାଜମା ଆଦି। ଏସବୁ ଚେଷ୍ଟା ଅନୁଯାୟୀ ସକାଳ ଓ ଖରାବେଳର ଭୋଜନରେ ହିଁ ସାମିଲ କରନ୍ତୁ।

ସୋମବାର: ସୋମବାରକୁ ଚନ୍ଦ୍ରମାଙ୍କ ଦିନ ବୋଲି କୁହାଯାଏ। ଏହିଦିନ ଧଳା ରଙ୍ଗର ଜିନିଷ ନିଜ ଖାଦ୍ୟରେ ସାମିଲ କରନ୍ତୁ। ଯେପରି ଫଳରେ କଦଳୀ, ଅଙ୍ଗୁର, ପରିବାରେ ଆଳୁ, ଫୁଲକୋବି, ଭାତ, ଦହି ଖିରି, ବିରି ଡ଼ାଲି ଇତ୍ୟାଦି।

ମଙ୍ଗଳବାର: ମଙ୍ଗଳବାର ମଧ ରବିବାର ବାର ଭଳି ଲାଲ ରଙ୍ଗର ଫଳ ଓ ପନିପରିବା ସେବନ କରନ୍ତୁ।

ବୁଧବାର: ଏହି ଦିନ ଫଳ ଓ ପନିପରିବାରେ ସବୁଜ ରଙ୍ଗର ଅଧିକ ପ୍ରୟୋଗ କରନ୍ତୁ। ଲାଉ , ଭେଣ୍ଡି, କାକୁଡ଼ି, ପଣସ, ଫିଜୁଳି , ମୌସମୀ, ତରଭୁଜ ଏହାସହ ମୁଗଡ଼ାଲି ମଧ ଖାଇପାରିବେ।

ଗୁରୁବାର: ଏହି ଦିନ ଅଧିକାଂଶ ହଳଦିଆ ରଙ୍ଗର ଫଳ ଓ ପନିପରିବାର ବ୍ୟବହାର କରନ୍ତୁ। ଫଳରେ କମଳା, କଦଳୀ, ପାଚିଲା ଅମୃତଭଣ୍ଡା, ଏହାସହ ଡ଼ାଲି ରେ ବୁଟ ଡ଼ାଲି, ଖେଚେଡ଼ି ଆଦି ସାମିଲ କରନ୍ତୁ।

ଶୁକ୍ରବାର - ଏହି ଦିନ ଧଳା ରଙ୍ଗ ଫଳ ଓ ପନିପରିବାର ଖାଦ୍ୟରେ ସାମିଲ କରନ୍ତୁ। ଯେପରି ଖିରି, ଭାତ, କୋବି, ପନୀର, ବିରି ଡ଼ାଲି ଆଦି।

ଶନିବାର:ଏହିବାରରେ କଳା ଅଥବା ନୀଳ ରଙ୍ଗର ଫଳ ଓ ପନିପରିବାର ଅଧିକ ପ୍ରୟୋଗ କରନ୍ତୁ। ଯେପରି ବାଇଗଣ, କଳା ବିରି ଡ଼ାଲି, ଚଣା ଡ଼ାଲି ଆଦିର ବ୍ୟବହାର କରନ୍ତୁ।



## ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ



ଅନ୍ୟ କାହା ସହ କଥାବାର୍ତ୍ତା ମଧ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.

■ ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।

■ ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।

■ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।

■ ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।

■ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।

■ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।

■ ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।

■ ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

# ବିଜେପିର ୱାକଫ ସୁଧାର ଜନଜାଗରଣ ଅଭିଯାନ



**ଭୁବନେଶ୍ୱର,୨୦।୪ (ମହାଭାରତ):** ଗରୀବଙ୍କ ହକ୍ କେବଳ ଗରୀବଙ୍କୁ ହିଁ ମିଳିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ'କୁ ପାଥେୟ କରି ଗରିବକଲ୍ୟାଣ ଯୋଜନାଗୁଡିକୁ କାର୍ଯ୍ୟକାରୀ କରାଯାଉଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ଗରୀବବର୍ଗର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ମୋଦଜୀ ସଂକଳ୍ପ ନେଇଛନ୍ତି । ୨୦୨୫ ମସିହା ଏପ୍ରିଲ ୨ ଏକ ବଡ ଐତିହାସିକ ଦିନ ଅଟେ । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ସଂସଦରେ ସଂଶୋଧିତ ୱାକଫ ବିଲ୍ ପାରିତ ହୋଇଛି । ଦେଶ ଓ ଲୋକଙ୍କ ହିତ ପାଇଁ ଏହି ବିଲ୍ ପାରିତ କରାଯାଇଛି । ଏହି ଐତିହାସିକ ନିଷ୍ପତିକୁ ଦେଶବାସୀ ସ୍ୱାଗତ କରିଛନ୍ତି । ଏହି ବିଲ୍ ପାରିତ ହେବା ଫଳରେ ୱାକଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତିକୁ ରକ୍ଷା କରାଯାଇ ପାରିବ । ୱାକଫ୍ ବିଲ୍ ପାରିତ ହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢିପାରିବେ । ଭାରତ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ଐତିହାସିକ ସଂଶୋଧିତ ୱାକଫ୍ ଅଧିନିୟମକୁ ନେଇ ଅନେକ ତର୍କ ବିତର୍କ ଚାଲିଛି । ଏହି ସଂଶୋଧିତ ଅଧିନିୟମ ବଳରେ ମୁସଲମାନ ସମ୍ପ୍ରଦାୟର କୌଣସି କ୍ଷତି ନ ହୋଇ ବରଂ ଲାଭ ହେବ ଏବଂ ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ଓ ମହିଳାମାନେ ଲାଭାନ୍ୱିତ ହେବେ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଶ୍ରୀ ଦୁଶ୍ୟନ୍ତ ଗୌତମ କହିଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ 'ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା'ରେ ଯୋଗଦେଇ ଶ୍ରୀ ଗୌତମ କହିଛନ୍ତି ଯେ, 'ୱାକଫ'ର ଅର୍ଥ ହେଉଛି 'ଦାନ' । ମାତ୍ର ଦାନ ସୁତ୍ରରେ ମିଳୁଥିବା ସଂପତିକୁ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରା ନଯାଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସୁନଥିଲା । ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ମା' ଓ ଭଉଣୀମାନଙ୍କୁ ବଂଚିତ ରଖାଯାଉଥିଲା । ଦେଶର ତୃତୀୟ ସର୍ବାଧିକ ଜମିର ମାଲିକାନା ଥିବା 'ୱାକଫ ବୋର୍ଡ'ର ସଂପତିକୁ ମାତ୍ର କେଇଜଣ ଉପଭୋଗ କରୁଥିବାବେଳେ ଗରୀବ ଏବଂ ମୁସଲମାନ ସମ୍ପ୍ରଦାୟର ମା' ଓ ଭଉଣୀମାନେ କେବଳ କଷ୍ଟ ଭୋଗୁଥିଲେ । କେବଳ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷ 'ୱାକଫ' ସଂପତିକୁ ହଡପ କରିନେଉଥିଲେ । ଅନେକ ସ୍ଥାନରେ ୱାକଫ୍ ଜାଗାରେ ବଡ଼ ବଡ ହୋଟେଲ ଓ ମଲ୍ ଆଦି ତିଆରି ହୋଇଥିବା ନେଇ ଅନେକ ପ୍ରମାଣ ରହିଛି । 'ୱାକଫ' ସଂପତିର ଦୁରୁପଯୋଗକୁ ରୋକାଯାଇ ସନ୍ତୁଳିତ ରାଷ୍ଟ୍ରଗଠନ ପାଇଁ ୱାକଫ ବିଲ ସଂଶୋଧନ ନିହାତି ଆବଶ୍ୟକତା ଥିଲା ବୋଲି ଶ୍ରୀ ଗୌତମ କହିଛନ୍ତି । ଏହି ଅଧିନିୟମ ବଳରେ ଦୁରୁପଯୋଗ ହେଉଥିବା ସମ୍ପତିର ରକ୍ଷା କରାଯାଇପାରିବ । ଏହି ଅଧିନିୟମ ବଳରେ କୌଣସି ମସ୍‌ଜିଦ୍, ଦର୍‌ଘା କିମ୍ବା ଆସ୍ଥାସ୍ଥଳକୁ ଭଙ୍ଗାଯିବ ନାହିଁ । ମୁସ୍‌ଲମାନମାନଙ୍କ ନାମରେ ଥିବା କୌଣସି ସମ୍ପତିକୁ ଛୁଆଁ ଯିବ ନାହିଁ । ଯେଉଁମାନଙ୍କ ନାଁରେ ଯେଉଁ ସମ୍ପତି ରହିଛି, ସେମାନେ ହିଁ ତାହାର ମାଲିକ ରହିବେ । ଏହି ସଂଶୋଧିତ ଅଧିନିୟମ ବଳରେ ମୁସଲିମ୍ ସଂପ୍ରଦାୟର ବିଧବା ମହିଳାଙ୍କୁ ଘର ଓ ଗରିବଙ୍କୁ ରୋଜଗାର ମିଳିପାରିବ । ଏଥିସହ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଯେଉଁ ବିକାଶମୂଳକ କାର୍ଯ୍ୟ ପାଇଁ ଏହି ସମ୍ପତି ଦାନରେ ଦିଆଯାଇଥିଲା ତାହାକୁ ପାରଦର୍ଶିତାର ସହ ଚିହ୍ନଟ କରିବା ପାଇଁ ନୂତନ ଆଇନ୍‌ରେ ବ୍ୟବସ୍ଥା ରହିଛି । ପାରଦର୍ଶିତାର ସହ ୱାକଫ ବୋର୍ଡ ଗଠନ କରାଯାଇ ସେଥିରେ ସବୁଲୋକଙ୍କୁ ଯୋଡ଼ାଯିବ ଏବଂ ମୁସଲିମ୍ ସମ୍ପ୍ରଦାୟର ସାମୁହିକ ବିକାଶ କରାଯିବ ବୋଲି ଶ୍ରୀ ଗୌତମ କହିଛନ୍ତି । ମୁସଲିମ୍ ସମ୍ପ୍ରଦାୟର ବହୁ କ୍ଷତି ହେବ ବୋଲି କଂଗ୍ରେସ ଦଳ ଅପପ୍ରଚାର କରୁଛି, ଯାହାକି ସଂପୂର୍ଣ୍ଣ ଅମୁଳକ ଓ ବିଭ୍ରାନ୍ତକାରୀ । ବାସ୍ତବରେ ୱାକଫ୍ ବୋର୍ଡକୁ ଜମି ଲୁଣ୍ଠନର ଲାଇସେନ୍ସ ଦେଇଥିଲା କଂଗ୍ରେସ । ସାମୁହିକ, ସାଂସ୍କୃତିକ ଓ ଧାର୍ମିକ ସମ୍ପତି ଉପରେ ବି ୱାକଫ୍ ବୋର୍ଡ ଲୋଲୁପ ଦୃଷ୍ଟି ପକାଉଥିଲା ।

# ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ଯାଞ୍ଚ କରିବ ଥାର୍ଡ ପାର୍ଟି ସଂସ୍ଥା

**ଭୁବନେଶ୍ୱର,୨୦।୪ (ମହାଭାରତ):** ରାଜ୍ୟର ବଡ଼ବଡ଼ କୋଠା, ଡାକ୍ତରଖାନା ଏବଂ ସପିଂ ମଲ୍ର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଯାଞ୍ଚ କରିବ ଥାର୍ଡ ପାର୍ଟି । ଏନେଇ ସୂଚନା ଦେଇଛନ୍ତି ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ । କୋଠା କିମ୍ବା ସପିଂ ମଲର ଫାୟାର ସେଫ୍ଟି ସାର୍ଟିଫିକେଟ ଯାଞ୍ଚ କରିବ ଥାର୍ଡ ପାର୍ଟି । ଅଗ୍ନିଶମ ବିଭାଗ ପକ୍ଷରୁ ନିଯୁକ୍ତ ଏହି ଥାର୍ଡ ପାର୍ଟି ସଂସ୍ଥା ଅଗ୍ନି ପ୍ରମାଣପତ୍ର ଯାଞ୍ଚ କରିବ । ବିଲ୍ଡିଂ ଅ।ପ୍ରୁଭାଲ ହୋଇଥିଲେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଅଛି କି ନାହିଁ ତାହା ଯାଞ୍ଚ କରିବ ଥାର୍ଡ ପାର୍ଟି । ପ୍ରତି ୬ ମାସରେ ଥରେ ଏହାକୁ ଅପଡେଟ୍ କରିବ ସଂସ୍ଥା । ଏହା ସହ ୨୦୨୭ ପୂର୍ବରୁ ର୍ନିମିତ ବିଲଡିଂ ବା କୋଠାରେ କିପରି ଅଗ୍ନି ନିରାପତ୍ତା ଅଛି କି ନାହିଁ ସେନେଇ ମଧ୍ୟ ନିୟମିତ ଯାଞ୍ଚ କରାଯିବ । ପରିଶେଷରେ ଅଗ୍ନିଶମ ବିଭାଗ ଏହାକୁ ସ୍କ୍ରୁଟିନି କରିବ । ଅଗ୍ନିଶମ ବିଭାଗ ପକ୍ଷରୁ ନିଯୁକ୍ତ ଏହି ଥାର୍ଡ ପାର୍ଟି ସଂସ୍ଥା ଅଗ୍ନି ପ୍ରମାଣପତ୍ର ଯାଞ୍ଚ କରିବୟ ବିଲ୍ଡିଂ ଅ।ପ୍ରୁଭାଲ ହୋଇଥିଲେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଅଛି କି ନାହିଁ ତାହା ଯାଞ୍ଚ କରିବ ଥାର୍ଡ ପାର୍ଟି । ଶ୍ରୀ ଷଡ଼ଙ୍ଗୀ କହିଛନ୍ତି, ଅଗ୍ନିଶମ ବିଭାଗରେ ମୋବାଇଲ କଣ୍ଟ୍ରୋଲ ଭେହିକିଲ ଯୋଡ଼ି ହୋଇଯାଇଛି । ବଡ଼ ଦୁର୍ବିପାକ କିମ୍ବା ଅଘଟଣ ସମୟରେ ଏହି ଗାଡି ସହାୟତାରେ ଅପରେଟ କରାଯିବ । ବରିଷ୍ଠ ଅଧିକାରୀ ଏହି ଗାଡ଼ିରୁ ଘଟଣା ଉପରେ ଟିକନିକ ନଜର ରଖିବେ । ଏହି ଗାଡ଼ିରେ ଅତ୍ୟାଧୁନିକ ବ୍ୟବସ୍ଥା ସହ କ୍ୟାମେରା ଲଗାଯାଇଛି । ଏକାଧିକ ଅ।ଗ୍ନିକ ବ୍ୟବହୃତ ହୋଇଥିବା ସ୍ଥାନରେ ଏହା ପହଞ୍ଚି ସ୍ଥିତି ଉପରେ ନଜର ରଖିବ । ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି ଗାଡ଼ି ବିଭାଗରେ ସାମିଲ ହୋଇଛି । ଏହା ସହ ଅ।ସନ୍ତା ମେ' ମାସରୁ ବିଭାଗ ସହ ଯୋଡ଼ି ହେବ କେ୯ ସ୍କ୍ୱାର୍ଡ ବା କୁକୁର । ୧୦ଟି ବିଦେଶୀ କୁକୁରଙ୍କୁ ଏଥିପାଇଁ ସ୍ୱତନ୍ତ୍ର ତାଲିମ ଦିଅ।ଯାଇଛି । ଅ।ଜି ଭୁବନେଶ୍ୱର ଓଡ୍ରାଫ୍ ସ୍ଥିତ ଅଗ୍ନିଶମ ସେବା ସପ୍ତାହ ଅବସରରେ ଏହି କେ୯ ସ୍କ୍ୱାର୍ଡ ନିଜ କଳା କୌଶଳ ପ୍ରଦର୍ଶନ କରିଥିଲେ ବୋଲି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

# ପ୍ରଥମ ଅଭିଭାବକ-ଶିକ୍ଷକ ସମ୍ମିଳନୀ

**ଭୁବନେଶ୍ୱର,୨୦।୪ (ମହାଭାରତ):** ଚଳିତ ଶିକ୍ଷାବର୍ଷ ୨୦୨୫-୨୬ର ପ୍ରଥମ ଅଭିଭାବକ, ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା / ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଦ୍ୟାଳୟ ଶିକ୍ଷା ଏବଂ ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଅ।ଲୋଚନା କରାଯାଇଥିଲା । ବୈଠକରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ଯାଏଁ ଶିକ୍ଷାର୍ଥୀଙ୍କ ଅଭିଭାବକ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ସମାପ୍ତି ସୂଚକ ଅ।କଳନ- ୨ ର ଉପଲବ୍ଧିକୁ ଅଭିଭାବକଙ୍କ ନିକଟରେ ଉପସ୍ଥାପନ କରାଯାଇଛି । ଶୈକ୍ଷିକ କ୍ୟାଲେଣ୍ଡର, ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଅଧାରୁ ପାଠ ଛାଡୁଥିବା, ନାମ ଲେଖାଇ ନଥିବା, ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ସର୍ବେକ୍ଷଣ ଓ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଅଭିଯାନ, ପିଲାଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ, ଅଂଶୁଘାତ ପ୍ରତି ସାବଧାନତା ଅ।ଦି ବିଷୟରେ ବୈଠକରେ ଅ।ଲୋଚନା କରାଯାଇଛି ।



ଏଠାରେ ପ୍ରକାଶ ଥାଉକି, ଅଭିଭାବକ ଶିକ୍ଷକ-ସମ୍ମିଳନୀ ରାଜ୍ୟବ୍ୟାପୀ ଗୋଟିଏ ଦିନରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତିକରଣ ପ୍ରକ୍ରିୟାରେ ଗୋଷ୍ଠୀ ଓ ଅଭିଭାବକ ମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ । ରାଜ୍ୟସରକାରଙ୍କ ତରଫରୁ ଅ।ୟୋଜିତ ଏହି ସମ୍ମିଳନୀରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ନିଅ।ଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଅଭିଭାବକମାନେ ପ୍ରଶଂସା କରିଥିଲେ । ଉକ୍ତ ସମ୍ମିଳନୀକୁ ଶିକ୍ଷାବିଭାଗର ବିଭିନ୍ନ ଅଧିକାରୀମାନେ ଯୋଗଦାନ କରି ଏହାର ତଦାରଖ ଓ ପରିଦର୍ଶନ କରିଥିଲେ ।

ଅଭିଭାବକମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅଭିଭାବକ ଶିକ୍ଷକ / ଶିକ୍ଷୟିତ୍ରୀ ବୈଠକ ଓ ବିଦ୍ୟାଳୟ ପରିଚାଳନା କମିଟି / ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ବୈଠକ କରାଯାଉଛି । ଏହି ବୈଠକ ଦ୍ୱାରା ଅଭିଭାବକମାନେ ସିଧାସଳଖ ବିଦ୍ୟାଳୟ ସହିତ ସମ୍ପୃକ୍ତ ହୋଇ ବିଦ୍ୟାଳୟର ବହୁବିଧ ବିକାଶ ପାଇଁ ବିଭିନ୍ନ ଅ।ଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇଥାନ୍ତି ।

# ଜେଇଇ ମେନରେ କିସର ୧୨ ଛାତ୍ରଛାତ୍ରୀ କୃତକାର୍ଯ୍ୟ

**ଭୁବନେଶ୍ୱର,୨୦।୪ (ମହାଭାରତ):** ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଆଜି ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିସର ୧୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୭ଜଣ ଛାତ୍ରୀ ଥିବା ବେଳେ ୫ଜଣ ଛାତ୍ର ରହିଛନ୍ତି । ଏମାନେ ଜେଇଇ ଆଡଭାନସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପାଠ ପଢ଼ି ଜେଇଇରେ ସଫଳତା ହାସଲ କରିପାରିଛନ୍ତି । ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହ ଶ୍ରୀ ସାମନ୍ତ କହିଛନ୍ତି ପ୍ରତିବର୍ଷ କିସର ଛାତ୍ରଛାତ୍ରୀମାନେ ଜେଇଇ ପରୀକ୍ଷାରେ ସଫଳତା ହାସଲ କରିଆସୁଛନ୍ତି । କେବଳ ଜେଇଇ ନୁହେଁ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିସ୍ ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିଆସୁଛନ୍ତି । ସେମାନଙ୍କୁ ଉପଯୁକ୍ତ ଯତ୍ନ ନିଆଯିବା ସହ ଗୁଣାତ୍ମକ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଉଥିବାରୁ ସେମାନେ ଏଭଳି ସଫଳତା ହାସଲ କରିପାରୁଛନ୍ତି । ଏଥିପାଇଁ ଶ୍ରୀ ସାମନ୍ତ କିସର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

# ଓୟୁଏଟିର ଶୈକ୍ଷିକ ସଂଗ୍ରହାଳୟ ପରିଦର୍ଶନ କଲେ ରାଜ୍ୟପାଳ



**ଭୁବନେଶ୍ୱର,୨୦।୪ (ମହାଭାରତ):** ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ବୁଧବାର ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି ଏବଂ ଏହି ଅବସରରେ ଓୟୁଏଟିର ବିଭିନ୍ନ କାର୍ଯ୍ୟଧାରା ସଂପର୍କରେ ସମୀକ୍ଷା କରିଛନ୍ତି । ରାଜ୍ୟପାଳଙ୍କ ଏହି ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ଥିଲେ । ପ୍ରାରମ୍ଭରେ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସଂପ୍ରସାରଣର ପ୍ରଗତି ଏବଂ ଦେଶ ବିଦେଶରେ ବିଭିନ୍ନ ଶିକ୍ଷା ଏବଂ ଗବେଷଣା ଅନୁଷ୍ଠାନ ସହିତ ଓୟୁଏଟିର ସଂପର୍କ, ସମନ୍ୱୟ ଓ ଭାଗିଦାରୀ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉନ୍ନତି ତଥା ରାଜ୍ୟରେ କୃଷି ଓ କୃଷକମାନଙ୍କର ଉନ୍ନତି ପାଇଁ ନିଆ ଯାଉଥିବା ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ । ବିଭିନ୍ନ ପ୍ରସଂଙ୍ଗରେ ରାଜ୍ୟପାଳ ସମୀକ୍ଷା କରିବା ଅବସରରେ ଓୟୁଏଟି ବୈଜ୍ଞାନିକମାନଙ୍କର ସାମାଜିକ ଦାୟିତ୍ୱବୋଧ ସଂପର୍କରେ ଗୁରୁତ୍ୱାରୋପ କରିବା ସହ ବିକଶିତ ଭାରତ ନିର୍ମାଣରେ ବିକଶିତ ଓଡିଶାର ଭୂମିକା ଉପରେ ଆଲୋକପାତ କରିଥିଲେ । ରାଜ୍ୟକୁ ମାଛ, ଅଣ୍ଡା ଆଦି ଖାଦ୍ୟ ପଦାର୍ଥ ଉତ୍ପାଦନ ସହିତ ଡ଼ାଲି ଏବଂ ତୈଳବୀଜ ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି କରି ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଓୟୁଏଟି ପଦକ୍ଷେପ ନେବା ସହ ଗବେଷଣା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଓୟୁଏଟିର ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତି ତଥା ବିଭିନ୍ନ କ୍ଷେତ୍ରରେ ଏହି ଅନୁଷ୍ଠାନରୁ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କର ସଫଳତାରେ ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ ।

# ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀଙ୍କ ଏକ୍‌ଜେକ୍ୟୁଟିଭ୍ କମିଟି ବୈଠକ

**ଭୁବନେଶ୍ୱର,୨୦।୪ (ମହାଭାରତ):** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅବସର କର୍ମଚାରୀ ସଂଗଠନର ଏକ୍‌ଜେକ୍ୟୁଟିଭ୍ କମିଟି ବୈଠକ ସ୍ଥାନୀୟ ହୋଟେଲ୍ ରେ ସଭାପତି ମନୋଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ସାଧାରଣ ସମ୍ପାଦକ ବସନ୍ତ କୁମାର ଦାଶ ତାଙ୍କ କାର୍ଯ୍ୟକାଳ ସମୟର ଏକ ରିପୋର୍ଟ କାର୍ଡ ଉପସ୍ଥାପିତ କରିଥିଲେ । ସେ କହିଥିଲେ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ମଇ ୧ ତାରିଖରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ମିଶ୍ରଣ ହେବାକୁ ଯାଉଛି । ସେହି ଅନୁଯାୟୀ ଉପରୋକ୍ତ ଦୁଇ ବ୍ୟାଙ୍କର ଅବସର କର୍ମଚାରୀଙ୍କ ସଂଗଠନ କିପରି ମିଶ୍ରଣ ହୋଇ ଏକ ଦୃଢ ସଂଗଠନରେ ପରିଣତ ହେବ ତାହାର ବିଧି ବିଷୟରେ ଆଲୋକପାତ କରିଥିଲେ । କର୍ମଚାରୀମାନଙ୍କର ବିଭିନ୍ନ ଦାବି କିପରି କର୍ତ୍ତୃପକ୍ଷ ପୂରଣ କରିଛନ୍ତି, ଓ ବାକି ଦାବିଗୁଡ଼ିକ କିପରି ଯଥାଶୀଘ୍ର ପୂରଣ ହେବ ସେ ବିଷୟରେ ଜଣାଇଥିଲେ ।

# ଇନ୍ଦିରା ଗାନ୍ଧୀ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆଲୋଚନା



**ଭୁବନେଶ୍ୱର,୨୦।୪ (ମହାଭାରତ):** ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମା କାଞ୍ଜିଲାଲ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷତ କରିଛନ୍ତି । ଏହି ଅବସରରେ ପ୍ରଫେସର ଉମା କାଞ୍ଜିଲାଲ୍ ରାଜ୍ୟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ । ଭାଷାରେ ପ୍ରଚଳନ କରିବା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ । ନିକଟ ଅତୀତରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏମ୍‌ବିଏ ପାଠ୍ୟକ୍ରମକୁ ବିଦ୍ୟାର୍ଥୀମାନଙ୍କ ପାଇଁ ଓଡ଼ିଆ ଭାଷାରେ ପ୍ରଚଳିତ କରାଯାଇଛି । ଆଗକୁ ମଧ୍ୟ ବିଭିନ୍ନ ପାଠ୍ୟକ୍ରମ ଯଥା- Diploma in Early Childhood Care and Education (DECE), Bachelor of Arts (BA), Bachelor of Commerce (BCom) ଆଦିକୁ ଓଡ଼ିଆ ଭାଷାରେ ବିଦ୍ୟାର୍ଥୀମାନଙ୍କ ପାଇଁ ଉପଲବ୍ଧ କରିବାର ପ୍ରସ୍ତାବ ଉପରେ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଆ ମାଧ୍ୟମରେ ପାଠ୍ୟକ୍ରମର ପ୍ରଚଳନ ହେବା ଦ୍ୱାରା ଛାତ୍ରଛାତ୍ରୀମାନେ ପାଠ୍ୟକ୍ରମକୁ ସହଜ ଏବଂ ସରଳ ଭାବରେ ବୁଝିପାରିବେ ଏବଂ ଏହା ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତା ବିକାଶରେ ସହାୟକ ହେବ । ଏଥିସହିତ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରଣୟନ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଦକ୍ଷତା ବିକାଶ ସଂପର୍କିତ ପାଠ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

ଏହି ଅବସରରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ନୟନତାରା ପାଢ଼ୀ, ପ୍ରଫେସର ସୁହାସ ଶୋଗୋଭେକର, ପ୍ରଫେସର ଶାଚୀ ଶାହା ପ୍ରମୁଖ ଉପସ୍ଥିତ ଥିଲେ ।

# ଆୟୁଷ୍ମାନ କାର୍ଡ ବାଣ୍ଟୁଥିବା ଆଶା କର୍ମୀଙ୍କୁ ସାଧୁବାଦ ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୦।୪ (ମହାଭାରତ):** ଓଡ଼ିଶାବାସୀଙ୍କୁ ଉନ୍ନତ ଓ ଗୁଣାତ୍ମକ ଚିକିତ୍ସା ସୁବିଧା ଓ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ନିମନ୍ତେ ଲୋକଙ୍କ ସରକାର ବହୁପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା ରାଜ୍ୟରେ ଲାଗୁ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ର ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଯୋଜନାଗୁଡିକର ସଫଳ ରୂପାୟନ ଓ ଲୋକଙ୍କ ପାଖରେ କାର୍ଡ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ପହଂଚାଇବା ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଯୋଜନା ପାଖକୁ ଲୋକେ ଆସିବା ଦରକାର ନାହିଁ ଯୋଜନା ଆଉ ତାର ସୁଫଳ ଲୋକଙ୍କ ପାଖରେ ପହଁଚିଲେ ଯାଇଁ ଦେଶ ତଥା ରାଜ୍ୟର ବାସ୍ତବ ଉନ୍ନତି ଓ ପ୍ରଗତି ହୋଇପାରିବ ବୋଲି ବିଶ୍ୱାସ କରନ୍ତି । ସରକାରଙ୍କ ନିର୍ଦ୍ଦେଶରେ ତୃଣମୂଳସ୍ତରରେ କାର୍ଯ୍ୟକରୁଥିବା ଆଶା ଓ ଅନ୍ୟ ସହଯୋଗୀ ମାନେ ଘରକୁ ଘର ଯାଇ ଲୋକମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି । ଯୋଜନା ଗୁଡିକର ସଫଳ ରୂପାୟନ ସହ କାର୍ଡ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆଶା କର୍ମୀ ଓ ଅନ୍ୟମାନଙ୍କର ଆନ୍ତରିକ ପ୍ରୟାସ ଏବଂ ପ୍ରତିବଦ୍ଧତାର ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ । ସମସ୍ତଙ୍କ ମିଳିତ ପ୍ରୟାସ ଦ୍ୱାରା ଖୁବ କମ ସମୟ ମଧ୍ୟରେ ଆମେ ସାଢ଼େ ତିନି କୋଟିରୁ ଉର୍ଦ୍ଧ୍ୱ କାର୍ଡ ବଣ୍ଟନର ଲକ୍ଷ୍ୟକୁ ନିଶ୍ଚିତ ଭାବେ ହାସଲ କରିପାରିବା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମହାଲିଙ୍ଗ ଆଶାବ୍ୟକ୍ତ କରିଛନ୍ତି ।

# ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବାକୁ ଶିଳ୍ପମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର,୨୦।୪ (ମହାଭାରତ):** ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ନେତୃତ୍ୱ ପରିବର୍ତ୍ତନ ଉତ୍ସବରେ ଓଡ଼ିଶା ସରକାରଙ୍କର ଶିଳ୍ପ, କୌଶଳ ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ବିଦାୟୀ ଚେୟାରପର୍ସନ ଶ୍ରୀମତୀ ରଶ୍ମି ସାହୁଙ୍କ ଠାରୁ ନବନିଯୁକ୍ତ ଚେୟାରପର୍ସନ ଡ.ପ୍ରଜ୍ଞା ପାରମିତା ମିଶ୍ରଙ୍କ ନିକଟକୁ ନେତୃତ୍ୱ ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




ତାଙ୍କ ଉଦ୍‌ବୋଧନରେ ଶ୍ରୀ ସ୍ୱାଇଁ ଫିକି ଏଫଏଲଓକୁ ମହିଳା ନେତୃତ୍ୱ ଏବଂ ରାଜ୍ୟରେ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବାରେ ତାହାର ଉଲ୍ଲେଖନୀୟ ଭୂମିକା ନିମନ୍ତେ ବଧେଇ ଜଣାଇଥିଲେ । ମହିଳାଙ୍କ ନେତୃତ୍ୱରେ ବିକାଶ ଏବଂ ଅଧିକରୁ ଅଧିକ ମହିଳା ଯେଭଳି ଉଦ୍ୟୋଗୀ ହୋଇପାରିବେ ସେଥିପାଇଁ ଓଡ଼ିଶାର ସମସ୍ତ ଜିଲ୍ଲାରେ ମଜଭୁତ ବ୍ୟବସ୍ଥା ପରିପୋଷଣ କରିବାକୁ ସେ ପ୍ରତିଷ୍ଠାତା ଚେୟାର ଶ୍ରୀମତୀ ଧରିତ୍ରୀ ପଟନାୟକ ଏବଂ ବର୍ତ୍ତମାନର ଚେୟାରପର୍ସନ ଡ.ପ୍ରଜ୍ଞା ମିଶ୍ରଙ୍କ ସହିତ ଫିକି ଏଫଏଲଓର ଅନ୍ୟ ସଦସ୍ୟାମାନଙ୍କୁ ଅନୁରୋଧ କରିଥିଲେ ।

ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଅଧୀନରେ ସମାବେଶୀ ଅଭିବୃଦ୍ଧି ନିମନ୍ତେ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃ ଦୃଢତାର ସହିତ ପ୍ରକାଶ କରିଥିଲେ । ରାଜ୍ୟର ଶିଳ୍ପ ନୀତିରେ ମହିଳାଙ୍କର ଅର୍ଥନୈତିକ ସଶକ୍ତିକରଣ ଏକ ମୁଖ୍ୟ ବିଷୟ ହୋଇଥିବା ସମ୍ପର୍କରେ ସେ ଆଲୋକପାତ କରିଥିଲେ ।

ଏଥିସହିତ ଶ୍ରୀ ସ୍ୱାଇଁ ଉଭୟ ଜାତୀୟ ଓ ରାଜ୍ୟସ୍ତରରେ ମହିଳାଙ୍କ ପାଇଁ ଫାଇଦା ପହଞ୍ଚାଉଥିବା ମୁଖ୍ୟ ଯୋଜନାଗୁଡିକ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ସୁଭଦ୍ରା ଯୋଜନା ଏକ ଲାଭଜନକ ବ୍ୟବସାୟିକ ଉଦ୍ୟୋଗକୁ ଆଗକୁ ବଢାଉଥିବାରୁ ଏହାର ସଫଳତା ସମ୍ପର୍କରେ ଉଲ୍ଲେଖ କରିବା ସହିତ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଷ୍ଟାର୍ଟଅପଗୁଡିକ ପାର୍ଇ ଷ୍ଟାର୍ଟଅପ୍ ଓଡ଼ିଶାର ଲକ୍ଷ୍ୟଭିତ୍ତିକ ସମର୍ଥନକୁ ସେ ପ୍ରଶଂସା କରିଥିଲେ ।

ଉତ୍କର୍ଷ ଓଡ଼ିଶା ଅଧୀନରେ ଓଡ଼ିଶାର ଅଭିବୃଦ୍ଧି ଯୋଜନା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନୂଆଦିଲ୍ଲୀ ଓ ମୁମ୍ବାଇରେ ନିକଟରେ ଅନୁଷ୍ଠିତ ନିବେଶକ ସମ୍ମିଳନୀର ଫଳାଫଳ ସମ୍ପର୍କରେ ପ୍ରକାଶ କରିଥିଲେ, ଯେଉଁଥିରେ ଓଡ଼ିଶା ସବୁଜ ଶକ୍ତି, ଇଭି ନିର୍ମାଣ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଏମଏସଏମଇ ଆଦି ସମେତ ବିବିଧ କ୍ଷେତ୍ରରେ ପୁଞ୍ଜିନିବେଶ ଆକୃଷ୍ଟ କରିବାରେ ସଫଳ ହୋଇଛି । ସେ କହିଥିଲେ, ଖୁବଶୀଘ୍ର ଆମେ ମହିଳା ଉଦ୍ୟୋଗୀଙ୍କ ପାଇଁଏକ ଶିଳ୍ପ ପାର୍କ ଏବଂ ବ୍ୟବସାୟ କ୍ଷେତ୍ରରେ ଥିବା ମହିଳାଙ୍କ ପାଇଁ ଇପିକଲ୍‌ରେ ଏକ ସପୋର୍ଟ ଡେସ୍କ ଆରମ୍ଭ କରିବାକୁ ଯାଉଛୁ ।

ମାର୍ଗଦର୍ଶନ, ଇନ୍‌କ୍ୟୁବେସନ ଏବଂ ମହିଳା କୈନ୍ଦ୍ରିକ ଶିଳ୍ପ ଅଭିବୃଦ୍ଧି ନିମନ୍ତେ ପରିମାଣାତ୍ମକ ମଡେଲ ନିର୍ମାଣ ସକାଶେ ଶିଳ୍ପ ବିଭାଗ ଏବଂ କୌଶଳତା ବିକାଶ ମିଶନ ସହିତ ସକ୍ରିୟ ସହଯୋଗୀତା କରିବାକୁ ସେ ଫିକି ଏଫଏଲ୍‌ଓକୁ ଆହ୍ୱାନ ଦେଇଥିଲେ । ଚେୟାରପର୍ସନ ଡ.ପ୍ରଜ୍ଞା ପାରମିତା ମିଶ୍ର ନିଶ୍ଚିତ କରାଇ କହିଥିଲେ ଯେ, ନବସୃଜନ ଏବଂ ରଣକୌଶଳାତ୍ମକ ସହଭାଗୀତା ସହିତ ସମାବେଶୀ ସଶକ୍ତିକରଣ ନିମନ୍ତେ ଏଫଏଲଓର ମିଶନ ଆଗେଇନେବାକୁ ସେ ପ୍ରତିବଦ୍ଧ ରହିଛନ୍ତି । ପ୍ରତିଷ୍ଠାତା ଚେୟାର ଶ୍ରୀମତୀ ଧରିତ୍ରୀ ପଟନାୟକ ମହିଳା ଉଦ୍ୟୋଗୀଙ୍କ ପାଇଁ ଅଧିକ ସମର୍ଥକାରୀ ପରିବ୍ୟବସ୍ଥା ଓ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦେବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଶେଷରେ ଫିକି ଏଫଏଲଓ ଭୁବନେଶ୍ୱରର ସିନିୟର ଭାଇସ ଚେୟାର ଶ୍ରୀମତୀ ପଞ୍ଚମୀ ମାନୁ ଉକିଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିମାନ ବନ୍ଦର ପ୍ରତିଷ୍ଠା

ଅନେକ ଭାରତୀୟ ଛାତ୍ରଛାତ୍ରୀ ବିଦେଶରେ ପାଠ ପଢ଼ିବାକୁ ମଧ୍ୟ ଯାଉଛନ୍ତି। ତେଣୁ ଏବେ ବିମାନ ଯାତ୍ରା ଏକ ସାରଧାରଣ କଥା ହୋଇଗଲାଣି। ଏଥିପାଇଁ ଦେଶର ଅନେକ ଦ୍ୱିତୀୟ ବା ତୃତୀୟ ଶ୍ରେଣୀର ସହରରେ ବିମାନ ବନ୍ଦର ପ୍ରତିଷ୍ଠା ହୋଇଛି। ଆଗକୁ ଦେଶର ଅଧିକାଂଶ ଜିଲ୍ଲା ସନରମହକୁମାରେ ବିମାନ ବନ୍ଦର ପ୍ରତିଷ୍ଠା ହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ଉଡ଼ାନ ଯୋଜନାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିମାନ ବନ୍ଦର ପ୍ରତିଷ୍ଠା ସହ ବିମାନ ସେବା ସମ୍ପ୍ରସାରିତ ହେଉଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଯୋଗାଯୋଗ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ୩୦ ବର୍ଷ ତଳେ ଓଡ଼ିଶାରେ କେବଳ ଗୋଟିଏ ବିମାନ ବନ୍ଦର ରାଜଧାନୀ ଭୁବନେଶ୍ୱରରେ ଥିଲା ତାହା ବି ଛୋଟ ବିମାନ ବନ୍ଦର ମଧ୍ୟରେ ଗଣାଯାଉଥିଲା। କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଭୁବନେଶ୍ୱର ବିମାନ ବନ୍ଦରର ସମ୍ପ୍ରସାରଣ ଏବଂ ଏହାକୁ ଅନ୍ତର୍ଜାତୀୟ ବିମାନ ବନ୍ଦରର ମାନ୍ୟତା ଦେବାକୁ ନିଷ୍ପତ୍ତି ହୋଇଥିଲା। ଭୁବନେଶ୍ୱର ବିମାନ ବନ୍ଦର ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ହେଲା। ଏବେ ଭୁବନେଶ୍ୱରସ୍ଥିତି ବିଜୁ ପଟ୍ଟନାୟକ ଆର୍ନ୍ତଜାତିକ ବିମାନ ବନ୍ଦର ଦେଶର ଏକ ପ୍ରମୁଖ ଏବଂ ବ୍ୟସ୍ତବହୁଳ ବିମାନ ବନ୍ଦର ଭାବେ ପରିଗଣିତ ହେଉଛି। ପୂର୍ବ ଭାରତରେ କୋଲକାତା ବିମାନ ବନ୍ଦର ପରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ହେଉଛି ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ବିମାନ ବନ୍ଦର। ଇତିମଧ୍ୟରେ ରାଜ୍ୟର ଆଉ କେତେକ ସ୍ଥାନରେ ବିମାନ ବନ୍ଦର ପ୍ରତିଷ୍ଠା ହୋଇଛି। ଇସ୍ପାତ ନଗରୀ ରାଉରକେଲା, ପଶ୍ଚିମ ଓଡ଼ିଶାର ବୃହତ୍ତମ ଶିଳ୍ପାଞ୍ଚଳ ଝାରସୁଗୁଡ଼ା, ଦକ୍ଷିଣରେ ଜୟପୁରଠାରେ ବିମାନ ବନ୍ଦର ପ୍ରତିଷ୍ଠା ହୋଇଛି। ଆଗାମୀ କିଛି ବର୍ଷ ମଧ୍ୟରେ ଏସବୁ ନୂତନ ବିମାନ ବନ୍ଦର ବିକାଶ ସମ୍ପୂର୍ଣ୍ଣ ହୋଇଯିବ ଏବଂ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ନିୟମିତ ବିମାନ ସେବା ଆରମ୍ଭ ହୋଇଯିବ। ଇତିମଧ୍ୟରେ ରାଜ୍ୟର ମୁଖ୍ୟ ପର୍ଯ୍ୟଟନସ୍ଥଳୀ ପୁରୀରେ ଏକ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ ହୋଇଛି। ଭୁବନେଶ୍ୱର ବିମାନ ବନ୍ଦରରେ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହେଲାଣି। ତେଣୁ ଏଠାରୁ ଭିଡ଼ କମାଇବା ଲାଗି ପୁରୀରେ ଏକ ନୂତନ ବିମାନ ବନ୍ଦର ପ୍ରତିଷ୍ଠା ଜରୁରୀ । ଯେଉଁ ପର୍ଯ୍ୟଟକ ବା ତୀର୍ଥଯାତ୍ରୀ ପୁରୀ ଆସୁଛନ୍ତି ସେମାନେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରି ସଡ଼କ ପଥରେ ପୁରୀ ଯିବା ଅପେକ୍ଷା ସିଧା ପୁରୀକୁ ଯିବା ଲାଗି ପସନ୍ଦ କରିବେ। ଏହା ଫଳରେ ଭୁବନେଶ୍ୱର ବିମାନ ବନ୍ଦରରେ ଭିଡ଼ କମିବ ଏବଂ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ପୁରୀରେ ବିମାନ ବନ୍ଦର ଲାଗି ସ୍ଥାନ ଚିହ୍ନଟ ହୋଇଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଏଠାରେ ବିମାନ ବନ୍ଦର ପ୍ରତିଷ୍ଠା ହେଲେ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ ଏବଂ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। କେବଳ ପୁରୀ ନୁହେଁ, କୋଣାର୍କ ଏବଂ ସାତପଡ଼ା (ଚିଲିକା) ଯିବାକୁ ଆଗ୍ରହୀ ପର୍ଯ୍ୟଟକମାନେ ଏହି ବିମାନ ବନ୍ଦରରେ ଅବତରଣ କରିବେ। ରାଜ୍ୟ ଭିତରେ ଦୂର ଦୁରାନ୍ତରୁ ଆସୁଥିବା ଅନେକ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ସହଜରେ ପୁରୀକୁ ବିମାନରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଯୋଜନା। ଆଶା କରାଯାଉଛି ଆଗାମୀ ନବ କଳେବର ପୂର୍ବରୁ ପୁରୀରେ ଏକ ବଡ଼ ବିମାନ ବନ୍ଦର କାର୍ଯ୍ୟକ୍ଷମ ହୋଇସାରିଥିବ।

# କିମ୍ବଦନ୍ତୀ ଓ କାହାଣୀର ମହାନାୟକ

॥ ସୁମନ୍ତ କୁମାର ଭୂୟାଁ ॥

“ ୧୯୨୬ର କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଚ୍ଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୁଲିସ୍ ଛାଡୁ ନଥାଏ। ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି। ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝର ଝର ଲହୁ। ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭର୍ତ୍ସନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ। ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟଣା।

ବିଜୁଦା, ବିଜୁ ପଟ୍ଟନାୟକ ଓ ବିଜୁ ବାବୁ ଏହିପରି କିଛି ନାମରେ ପରିଚିତ ଥିଲେ ଅନେକ କିମ୍ବଦନ୍ତୀ କାହାଣୀର ସ୍ରଷ୍ଟା ମହାନାୟକ ପ୍ରଖ୍ୟାତ ସ୍ୱାମୀମାନି ରାଜନେତା ବିଜୁବାବୁ। ସେ ଥିଲେ ଏପରି ଜଣେ ଚରିତ୍ର ଯିଏକି ଭୂମିରୁ ଭୂମା ପର୍ଯ୍ୟନ୍ତ ଥିଲା ତାଙ୍କ ବ୍ୟକ୍ତିତ୍ୱ। କେବଳ ଓଡ଼ିଶାର ଘରେ ଘରେ ନୁହେଁ ବା ଭାରତର ରାଜନୀତି କ୍ଷେତ୍ରରେ ନୁହେଁ ବିଶ୍ୱ ଇତିହାସରେ ବିଜୁ ବାବୁ ଜଣେ ଏପରି ନାମ ଯାହାଙ୍କ ଉପରେ ଏବେ ବି ଚର୍ଚ୍ଚା, ଆଲୋଚନା, ବିଶ୍ଳେଷଣ ଓ ଗବେଷଣା ଚାଲୁ ରହିଛି। ସେ ଥିଲେ ଜଣେ ବିନ୍ଦାସ ଓ ଖୋଲାମେଲା ଚରିତ୍ରର ଅଦ୍ଭୁତପୂର୍ବ ବ୍ୟକ୍ତିତ୍ୱ। ପିଲାଦିନରୁ ଦୃଢ଼ ସାହାସୀ, ଖୋଲା ଖର୍ଚ୍ଚୀ, ରୋକଠୋକ କଥା ଯାହାକି ତାଙ୍କ ତମାମ ଜୀବନକୁ ସଫଳତା ଦେଇଛି ଆଉ ବିଫଳତାର କାହାଣୀ ବି ଲେଖିଛି। ଅଜଣା ମୂଳକର ଜଣେ ମାମୁଲି ଆଦିବାସୀ ମହିଳାଙ୍କୁ ସେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ଦେବା ହେଉ ବା କେନ୍ଦ୍ର ରାଜ୍ୟର ସମ୍ପର୍କ ସ୍ୱାଭିମାନରେ ମୁଁ ପାହାଡ଼ ବିକି ଦେଇ ରାଜ୍ୟ ଚଳେଇ ନେବି ପରି ବିତର୍କିତ ମନ୍ତବ୍ୟ ହେଉ ବା ଓଡ଼ିଆ ଟୋକା ସବୁବେଳେ ଖାଣ୍ଟି ଓଡ଼ିଆ ହୁଅ ରୋକଠୋକ ଜବାବ ଦେଇ ସେ ପାଲଟିଥିଲେ ଜଣେ ନିର୍ଭିକ ବ୍ୟକ୍ତିତ୍ୱ।

ଆଜିକାର ରାଜନେତାମାନେ ରାଜନୀତି ପାଇଁ କୋଠି କରୁଛନ୍ତି କିନ୍ତୁ ସେ ରାଜନୀତି ପାଇଁ ନିଜ କୋଠା ବିକ୍ରି କରିଦେଇଥିଲେ। ଯେତେବେଳେ ଯିଏ ବି ତାଙ୍କୁ ହାତ ପାତିଛି ପକେଟରୁ ପଇସା କାଢ଼ି ସବୁ ଅର୍ଥ ତା ହାତକୁ ଦେଇଛନ୍ତି। ଏକ ମଞ୍ଚରେ ଜଣେ ଉଦଭ୍ରାନ୍ତ ଯୁବକ ସର୍ବ ସମ୍ମୁଖରେ ଚାପୁଡ଼ା ମାରିଥିଲେ କିନ୍ତୁ ସେ ତାଙ୍କୁ ଦଣ୍ଡିତ ନକରି ଇଏ ବିଜୁକୁ ହାତ ଉଠାଇଛି ମାନେ ତାକୁ ପୁରସ୍କାର ଦେଇଥିଲେ ଏଭଳି ରାଜନେତା ଆଉ କ’ଣ ମିଳିବେ? ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କୁ ବିରୋଧ କରିବା ପାଇଁ ଯାଇଥିବା ଚାଷୀଙ୍କୁ ରାସ୍ତା ଉପରେ ଡାକି ଆଲୋଚନା କରି ସମାଧାନ କରିଥିଲେ ସେମାନଙ୍କର ଦୁଃଖ। ଏହି ଲେଖକ ଛାତ୍ର ରାଜନୀତି କରୁଥିବାବେଳେ ବିଜୁ ବାବୁଙ୍କ ଘନିଷ୍ଠତାର କିଛି ମୁହୂର୍ତ୍ତ ପାଇଥିଲେ। ଯାହାଙ୍କ ନାମରେ ଗଠିତ ବିଜୁ ଜନତା ଦଳ ଆଜି ଭାରତୀୟ ରାଜନୀତିରେ ଏକ ପ୍ରଭାବୀ ଓ ଦୃଢ଼ ନେତୃତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳ ଭାବେ ମୁଣ୍ଡ ଟେକିଛି ଯାହା ଆଗରେ ଜାତୀୟ ଦଳମାନେ ଏକ ପ୍ରକାର ମୁଣ୍ଡ ନୋଇଁବାକୁ ବାଧ ହୋଇଛନ୍ତି। ଇଏ ଥିଲେ ସେହି ବିଜୁ ଯିଏ କି ତାଙ୍କ ସମୟରେ ଓ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀଙ୍କୁ ହାତଯୋଡ଼ି ସମ୍ମାନ ଜଣାନ୍ତି ନାହିଁ। ବେସାଲିସ, ରୋକଠୋକ କଥା କୁହନ୍ତି। ସେ ସ୍ୱର୍ଗତ ଜ୍ୟୋତିବସୁ ହୁଅନ୍ତୁ ବା ଦେବଗୌଡ଼ା, ଭି.ପି.ସିଂହ ହୁଅନ୍ତୁ ବା ଲାଲୁପ୍ରସାଦ ଯାଦବ, ବାଜପେୟୀ ହୁଅନ୍ତୁ ବା ଆଡ଼ଭାନୀ, ସୁରଜିତ ସିଂହ ବର୍ଣ୍ଣାଲ ହୁଅନ୍ତୁ ବା ନମ୍ବୁଦି ପଦ ସମସ୍ତଙ୍କ ସହ ସେ ବେଶ ଖୋଲା ସମ୍ପର୍କ ରଖିଥିଲେ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଥିଲେ ସାହସୀ, ସ୍ୱାଭିମାନୀ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା। ଓଡ଼ିଆ ଜାତି ତଥା ଓଡ଼ିଶାର ଉତ୍ଥାନ ପାଇଁ ଆଜୀବନ ଉଦ୍ୟମ କରିଥିବା ମହାନ ନେତାଙ୍କ ମଧ୍ୟରେ ସେ ଅନ୍ୟତମ। ଶୈଶବରୁ ସେ ଥିଲେ ଦୁଃସାହସୀ। ତାଙ୍କର ଦୁଃସାହସ ସଂପର୍କିତ କେତୋଟି ଘଟନା ସଂକ୍ଷେପରେ ଜାଣିବା ହେଉ। ଥରେ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ପ୍ରବଳ ବନ୍ୟା ଆସିଲା। ବନ୍ୟା ଆସିଲେ ଉତ୍କଳ ମଣି ଗୋପବନ୍ଧୁ ବିପନ୍ନଙ୍କୁ ସହାୟତା ଯୋଗାଇବା ପାଇଁ ଡଙ୍ଗାରେ ଚୁଡ଼ା, ଚାଉଳ ଓ ଅନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ନେଇ ବାହାରିପଡ଼ନ୍ତି। ଥରେ ସେ ବରୀ ଅଞ୍ଚଳକୁ ବାହାରିଲେ। ସଙ୍ଗରେ ଥିଲେ ବାର ବର୍ଷ ବୟସ୍କ ବିଜୁଙ୍କ ସହ ଆଉ କିଛି ଛାତ୍ର। ଉଛୁଳା ନଦୀ, ମଝିରେ ମଝିରେ ଜୋରରେ ପବନ ବୋହୁଥାଏ। ଖରାରୁ ରକ୍ଷା ପାଇବା ପାଇଁ ଗୋପବନ୍ଧୁ ଛତା ଧରି ବସିଥାନ୍ତି ଡଙ୍ଗାର ମଙ୍ଗରେ। ହଠାତ୍ ପବନ ମାଡ଼ରେ ତାଙ୍କ ହାତରୁ ଛତାଟି ଖସିଯାଇ ପଡ଼ିଲା ପାଣିରେ ଏବଂ ଭାସି ଚାଲିଲା ସୁଅରେ। ତାହା ଦେଖି, କେହି କିଛି ବୁଝିବା ପୂର୍ବରୁ ଭରା ନଦୀ ଗର୍ଭକୁ ଲମ୍ଫ ଦେଇଥିଲେ ବିଜୁ। କିଛି ସମୟ ପରେ ଛତା ଧରି ଫେରିଥିଲେ ଡଙ୍ଗାକୁ। ତାଙ୍କ ଦୁଃସାହସ ଦେଖି ସେ ଦିନ ଚମକୃତ ହୋଇଥିଲେ ଗୋପବନ୍ଧୁ ଏବଂ ଦିନେ ଓଡ଼ିଆ ଜାତିର ଟେକ ରଖିବୁ କହି ଆଶୀର୍ବାଦ କରିଥିଲେ।

୧୯୨୬ର କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଚ୍ଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୁଲିସ୍ ଛାଡୁ ନଥାଏ। ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି। ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝର ଝର ଲହୁ। ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭର୍ତ୍ସନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ। ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟନା। ବାଲିଯାତ୍ରା ପଡ଼ିଆରେ ପ୍ରଥମଥର ପାଇଁ ବିମାନଟିଏ ଅବତରଣ କରିଥାଏ। ବିମାନ ଦେଖିବା ଲାଗି ନାହିଁ ନଥିବା ଭିଡ। ବିଜୁଙ୍କ ଇଚ୍ଛା ପାଖରୁ ଦେଖିବେ। ପୁଲିସ୍‌କୁ ନମାନି, ବାଡ଼ ଭାଙ୍ଗି ବିମାନ ନିକଟରେ ପହଞ୍ଚି ପାରିଥିଲେ।

ପରିଣାମ ସ୍ୱରୂପ ପିଠିରେ ପଡ଼ିଥିଲା ଲାଠି ପାହାର। ସେହି ଦିନ ପ୍ରତିଜ୍ଞା କରିଥିଲେ ବୈମାନିକ ହେବେ ହୋଇଥିଲେ ମଧ୍ୟ। ଏମିତି ସେମିତି ବୈମାନିକ ନୁହେଁ ବହୁତ କିଛି କରିବାର ସାମର୍ଥ୍ୟ ରଖିଥିବା ବୈମାନିକ। ପଣ୍ଡିତ ନେହେରୁଙ୍କ ନିର୍ଦ୍ଦେଶରେ ଇଣ୍ଡୋନେସିଆରୁ ସେଠାକାର ପ୍ରଧାନମନ୍ତ୍ରୀ ସହରିରଙ୍କୁ ଡଚ୍ ବାହିନୀ କବଳରୁ ଖସାଇ ବିମାନରେ ନେଇ ଆସିଥିଲେ ନୂଆଦିଲ୍ଲୀ। ସହଯୋଗୀ ଭାବେ ସଙ୍ଗରେ ଯାଇଥିଲେ ପତ୍ନୀ ଜ୍ଞାନ ଦେବୀ। ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ପାଇଁ ତାଙ୍କୁ ସେଠାକାର ସର୍ବୋଚ୍ଚ ଉପାଧି ଭୂମିପୁତ୍ରରେ ସମ୍ମାନିତ କରାଯାଇଥିଲା।

୧୯୪୬ରୁ ବିଜୁବାବୁଙ୍କ ରାଜନୈତିକ ଜୀବନର ଯାତ୍ରା ଯେମିତି ଆରମ୍ଭ ହୋଇଥିଲା। ସେଣ୍ଟ୍ରାଲ କଟକସଦର ଆସନରୁ କଂଗ୍ରେସ ପ୍ରାର୍ଥୀଭାବେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୫୨ ପର୍ଯ୍ୟନ୍ତ ଏହାର ସଦସ୍ୟ ଥିଲେ। ପରେ ୧୯୫୨ରେ ଜଗନ୍ନାଥପ୍ରସାଦ ଆସନରୁ, ୧୯୫୭ ରେ ସୋରଡା ଆସନରୁ ଓ ୧୯୬୧ରେ ଚୌଦ୍ୱାର ଆସନରୁ କ୍ରମାଗତ ଭାବେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୧ରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଉପନିର୍ବାଚନରେ ରାଜନଗର ଆସନରୁ ବିଜୟୀ ହୋଇଥିବା ବେଳେ ୧୯୭୪ରେ ସେହି ଆସନରୁ ପୁଣି ବିଧାନସଭାକୁ ଆସିଥିଲେ। କଟକରୁ ଗଞ୍ଜାମ ଓ ଗଞ୍ଜାମରୁ ପୁଣି କଟକ ହୋଇ କେନ୍ଦ୍ରାପଡ଼ା, ରାଜନୈତିକ ସଫଳତାର ଯାତ୍ରା ରଖିଥିବା ବିଜୁବାବୁ ୧୯୮୦ରେ ଚରଣ ସିଂଙ୍କ ନେତୃତ୍ୱାଧୀନ ଜନତା ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ାର ପାଟକୁରା ଆସନରୁ ବିଜୟୀ ହୋଇଥିଲେ। ପରେ ୧୯୮୫, ୧୯୯୦ ଓ ୧୯୯୫ରେ କ୍ରମାଗତ ଭାବେ ତିନିଥର ଜନତା ଦଳର ପ୍ରାର୍ଥୀ ଭାବେ ଭୁବନେଶ୍ୱର ଆସନରୁ ବିଧାନସଭାକୁ ଆସିଥିଲେ। ଏହାରି ଭିତରେ ତାଙ୍କର ସଂସଦ ଅଭିଯାନ ମଧ୍ୟ ଚାଲିଥିଲା।

କେନ୍ଦ୍ରରେ ମନ୍ତ୍ରୀ ହେବା ସହିତ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୭୭ରେ ବିଜୁବାବୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜୟୀ ହୋଇଥିବା ବେଳେ ୧୯୮୦ ଓ ୧୯୮୪ରେ ସେହି କେନ୍ଦ୍ରାପଡ଼ା ଆସନରୁ ଲୋକସଭାକୁ ବିଜୟୀ ହୋଇଥିଲେ। ୧୯୯୬ରେ ଉଭୟ ଆସିକା ଓ କଟକ ଲୋକସଭା ଆସନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ କଟକ ଆସନଟି ଛାଡ଼ି ଦେଇଥିଲେ। ୧୯୪୬ରୁ ୧୯୯୭ ଯାଏଁ ରାଜନୈତିକ ଯାତ୍ରାରେ ବିଜୁବାବୁଙ୍କୁ ଯେତିକି ସଫଳତା ମିଳିଥିଲା ସେତିକି ବିଫଳତା ମଧ୍ୟ ମିଳିଥିଲା। ୧୯୬୧ ମସିହା ଜୁନ୍ ୨୩ ତାରିଖରୁ ୧୯୬୩ ମସିହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେ ପ୍ରଥମ ଦଫାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦ୍ୱିତୀୟବାର କ୍ଷମତାକୁ ଆସିବା ପାଇଁ ତାଙ୍କୁ ଦୀର୍ଘବର୍ଷ ଲାଗିଯାଇଥିଲା।

୧୯୯୦ରେ ସେ ପୁଣି ମୁଖ୍ୟମନ୍ତ୍ରୀ ପଦ ଫେରି ପାଇଥିଲେ। କେନ୍ଦ୍ରରେ ସେ ମନ୍ତ୍ରୀ ହୋଇଥିଲେ ସତ କିନ୍ତୁ ଯେତେବେଳେ ଭାରତର ବର୍ଷର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ଆସିଲା ସେତେବେଳେ ସେ ସେଥିରୁ ବଞ୍ଚିତ ହୋଇଥିଲେ। ହୋଇପାରେ ବିଧିର ବିଡ଼ମ୍ବନା ଥିଲା। ସେ ପ୍ରଧାନମନ୍ତ୍ରୀ ତିଆରି କରିଥିଲେ। ମାତ୍ର ନିଜେ ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ। ୧୯୧୬ ମାର୍ଚ୍ଚ ୫ ତାରିଖରେ ସେ ଜନ୍ମ ହୋଇଥିଲେ।

ସାଇ ଭବନ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

# ଦାରାଧିନ ସ୍ତଥା ସ୍ୱର୍ଗଃ...

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଇ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି।

ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - ‘ଅୟଜ୍ଞୋ ବା ଏଷ ପୋଞପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - ‘ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।’ ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା’ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି ‘ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ। ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ।’ ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ। ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା। ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା’ ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା। ପରମ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି - ‘ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା - ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ - ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା’ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି - ତେବେ ହିଁ ତୁମେ ଝିଅ - ତେବେ ହିଁ ତୁମେ ସତୀ।’

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା - ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି - ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ।

ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୃଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ।

ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଟ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀ ଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତାର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା’ମାନେ ଯଦି ସ୍ୱାମୀଙ୍କ ଠାରେ ସୁକେନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମି ଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା’ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ - ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ - ପୁରୁଷ ମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା’ମାନଙ୍କର ମଧ୍ୟ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ୍ୟ ପୁରୁଷ କେବେ ମା’ ହୋଇପାରିବେ ନାହିଁ, ମା’ ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା’ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି - ମାତୃଭକ୍ତି ଅଟୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ନାରୀର ସପ୍ତ ସଦ୍‌ଗୁଣ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି ‘ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା’। ଯୁଗପୁରୁଷୋତ୍ତମ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ପୁରାଣ ଯୁଗରେ ଗାନ୍ଧାରୀ, ଦ୍ରୌପଦୀ, କୁନ୍ତୀ, ତାରା ଓ ମନ୍ଦୋଦୋରୀଙ୍କୁ ପଞ୍ଚକନ୍ୟା କୁହାଯାଉଥିଲା। ଆଧାତ୍ମିକ ସାଧନା କ୍ଷେତ୍ରରେ ପୁରାଣ ପୃଷ୍ଠାରେ ଗାର୍ଗୀ, ମୈତ୍ରେୟୀ, ସୁଲଭା, ଲୋପାମୁଦ୍ରା, ବିଶ୍ୱବାରାଙ୍କ କୃତୀ ଓ ସ୍ୱୀକୃତି କାଳଜୟୀ ହୋଇରହିଛି। ସେହିପରି ବୈଦିକ ଯୁଗରେ ନାରୀ ମାନଙ୍କ ଦ୍ୱାରା ରଚିତ ଶ୍ଲୋକ ବେଦରେ ସ୍ଥାନ ପାଇଛି। ସ୍ୱାମୀ ବିବେକାନନ୍ଦ ପ୍ରାୟ ଶହେ ବର୍ଷ ତଳେ ଭବିଷ୍ୟବାଣୀ କରିଥିଲେ, ଏକ ବିଂଶ ଶତାବ୍ଦୀ ହେବ ମାତୃ ଗୌରବର ଶତାବ୍ଦୀ। ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଭାଷାରେ - ‘ମାତା ତା’ର ସ୍ୱାମୀର ସାଥୀ ଓ ପଥ ପ୍ରଦର୍ଶକ, ଶିଶୁର ଆଦ୍ୟଗୁରୁ, ସାମାଜିକ ଜୀବନଧାରାର ଆଧାର, ପରିବାରର ଆଦର୍ଶ, ଦୈହିକ ଓ ମାନସିକ ସ୍ୱାସ୍ଥ୍ୟର ଜାଗ୍ରତ ପ୍ରହରୀ।’ ସେ ଆଦ୍ୟାଶକ୍ତି, ସୃଷ୍ଟିକାରିଣୀ ଓ ସମୃଦ୍ଧିର ଦେବୀ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା’ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା’ର ପ୍ରତିଦିନର କର୍ତ୍ତବ୍ୟ। ବିଶ୍ୱ ମହିଳା ଦିବସ ଅବସରରେ ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହେଇ ଚାଲିଥାଉ ଏହା ହିଁ କାମନା।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

## ସାପ କାମୁଡ଼ାରେ ନାବାଳକ ମୃତ

ହାଟଡିହି – ବିଷାକ୍ତ ସାପ କାମୁଡ଼ାରେ ଚାଲିଗଲା ନାବାଳକର ଜୀବନ। ରାତି ଶୋଇଥିବା ଅବସ୍ଥାରେ ସାପ ମାରିଥିଲା ଚୋଟ ଆଉ ମେଡିକାଲ ରେ ପହଞ୍ଚିବା ବେଳକୁ ସବୁ ଶେଷ। ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ସୁନ୍ଦରାପାଳ ଗାଁରେ ଇନ୍ଦ୍ରମଣି ମୁଣ୍ଡା ଙ୍କ ୧୨ ବର୍ଷୀୟ ପୁଅ ବିରୁମୁଣ୍ଡା। ଗତକାଲି ରାତିରେ ଖାଇ ସାରିବା ପରେ ନିଜ ଘର କୁ ଯାଇ ଶୋଇଥିଲା ହେଲେ ସେ ଜାଣିନଥିଲା ବିଛଣା ରେ ବିଷାକ୍ତ ସାପ ଜଗିଥିଲା ତାକୁ। ଶୋଇବା ର କିଛି ସମୟ ମଧ୍ୟରେ ସାପ କାମୁଡ଼ାରେ ଗୁରୁତର ହୋଇପଡ଼ିଲା ବିରୁମୁଣ୍ଡା। ପରିବାର ଲୋକେ ଆମ୍ବୁଲାନ୍ସ ଡାକି ସ୍ଥାନୀୟ ଡ଼ାକ୍ତର ଖାନା କୁ ନେଇଯାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବାର ବର୍ଷ ପୁଅକୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି ପରିବାର ଲୋକେ।

## ଗଣ ବ୍ରତୋପୟନ ପ୍ରସ୍ତୁତି ବୈଠକ

ସାଲେପୁର, (ମହାଭାରତ): ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସାଲେପୁର ଠାରେ ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଆର୍ଥିକ ଅନଗ୍ରସର ବ୍ରାହ୍ମଣ ପିଲା ମାନଙ୍କର ନିଃଶୁଳ୍କ ଗଣବ୍ରତପୟନ ପାଇଁ ଏକ ପ୍ରସ୍ତୁତି ବୈଠକ ଶ୍ରୀ ସତ୍ୟସାଇ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାସ ୨୩ତାରିଖ ଶୁକ୍ର ବାର ଦିନ ଏହି ପୁଣ୍ୟ କାର୍ଯ୍ୟ ସାଲେପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ଆଗ୍ରହୀ ବ୍ରହ୍ମଚାରି ମାନଙ୍କ ଅଭିଭାବକ ମାନେ ନିର୍ଦ୍ଦିଷ୍ଟ ଫର୍ମ ରେ ଆବେଦନ କରିବାକୁ ଅନୁରୋଧ କରାଯାଇଛି। ଆବେଦନ ର ଶେଷ ତାରିଖ ୧୦, ୫, ୨୫ରିଖ ଶନିବାର ରହିଛି।ଆବେଦନ ଫର୍ମ ବିନା ଦେୟରେ ସାଲେପୁର ସ୍ଥିତ କେଦାର ମେଡ଼ିସିନ ଷ୍ଟୋର, କେନ୍ଦୁପଟଣା, ରାଇସୁଂଗୁଡା, ସୁନାଖଣ୍ଡି, ଜପକୁଦ, ଜନାର୍ଦ୍ଦନପୁର, ଏରକଣା ଭଜନ ମଣ୍ଡଳୀ ସହ ଯୋଗାଯୋଗ କରି ପ୍ରାପ୍ତ କରିବାକୁ କୁହାଯାଇଛି. ସମିତି ପକ୍ଷରୁ ଆବାହକ ଶ୍ରୀ ଉଦୟ ନାଥ ସାହୁ, ନିମାଇଁ ଚରଣ ବିଶ୍ୱାଳ, ପ୍ରଶାନ୍ତ କୁମାର କର, ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ଶିଶିର ସ୍ୱାଇଁ, ଶରତ ପଣ୍ଡା, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଭାସ ପଣ୍ଡା, ପ୍ରମୋଦ କୁମାର ନାୟକ, ଦେବେନ୍ଦ୍ର କୁମାର ନାୟକ, ପୁରନ୍ଦର ନାୟକ, ଦେବେନ୍ଦ୍ର କୁମାର ସାହୁ, ଦିପୁ ମଲ୍ଲଙ୍କ ସହ କାର୍ଯ୍ୟକର୍ତ୍ତା ଓ ସଭ୍ୟସଭ୍ୟା ମାନେ ଯୋଗ ଦେଇଥିଲେ।

## ତାଣ୍ଡବ ରଚିଲା କାଳ ବୈଶାଖୀ: ଧ୍ୱସ୍ତ ବିଧ୍ୱସ୍ତ ବାମ୍‌ଗାଁ

ଦଶପଲ୍ଲା, (ମହାଭାରତ): ମହାବାତ୍ୟା, ଫାଇଲିନ୍ , ହୁଡ୍‌ହୁଡ୍ କୁ ବି ବଳାଇଗଲା କାଳ ବୈଶାଖୀ । ଗତ କିଛି ବର୍ଷ ମଧ୍ୟରେ ଏଭଳି କାଳ ବୈଶାଖୀ ହୋଇନଥିଲା । ଗତ ୧୯ ତାରିଖ ଅପରାହ୍ନ ୨ଟା ବେଳକୁ ଆରମ୍ଭ ହେଲା ବର୍ଷା ସହିତ ପବନ ଆଉ ଘଡ଼ଘଡ଼ି ଚଡଚଡ଼ି। ପବନର ବେଗ ଆନୁମାନିକ ୬୦ ରୁ ୯୦ କି.ମି ଓ ଝଟକା ପବନ ୧୦୦ ରୁ ଅଧିକ ଥିଲା । ଯାହା ଫଳରେ ଦଶପଲ୍ଲା ବ୍ଲକ୍ ଚଢେୟାପଲ୍ଲୀ ଅନ୍ତର୍ଗତ ବାମ୍ ଗ୍ରାମର ଅନେକ ବାସଗୃହ ଧ୍ୱଂସସ୍ତୁପରେ ପରିଣତ ହୋଇଛି । ବହୁ ପୁରାତନ ଗଛ ଭାଙ୍ଗିବା ସହିତ କେତେକ ପ୍ରାକୃତିକ ଜଂଗଲ ମଧ୍ୟ ସଂପୂର୍ଣ୍ଣ ଭାବରେ ଧ୍ୱସ୍ତ ହୋଇଯାଇଛି। ବିଶେଷ ଭାବରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ହାଡିବଂଧୁ ମହାକୁଡ, ଯଦୁମଣି ମହାଖୁଡ଼ ଓ ରତ୍ନାକର ମହାଖୁଡଙ୍କ ଘର ଉଡ଼ି ଯିବା ସହିତ ଏକ ବିରାଟ ଗଛ ମାଡି ବସିବା ଯୋଗୁଁ ହାଡିବଂଧୁ ସହାଖୁଡ ଙ୍କ ବାସଗୃହ ସଂପୂର୍ଣ୍ଣ ଭାବରେ ଭାଂଗି ଯାଇଛି । କ୍ଷତିଗ୍ରସ୍ତ ମାନଙ୍କୁ ଶିଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ ହେଉଛି । କାଳବୈଶାଖି ପ୍ରଭାବରେ ବିଦ୍ୟୁତ୍ ଖମ୍ବ ଭାଂଗିଯିବା ଯୋଗୁଁ ଆସନ୍ତା ୩ ଦିନ ମଧ୍ୟରେ ବିଦ୍ୟୁତ୍ ସେବା ସ୍ୱାଭାବିକ୍ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବୟସ୍କ ଲୋକଙ୍କ କହିବା ଅନୁସାରେ ଏ ଭଳି ବର୍ଷା ପବନ ଆମେ ଜନ୍ମ ହେଲାବେଳୁ ଦେଖି ନ ଥିଲୁ । ଏହି କାଳ ବୈଶାଖୀ ରେ ଆମେ ଆକାଶରେ ଘରର ଚାଳ ଉଡିବା ଭଳି ବିରଳ ଦୃଶ୍ୟ ଦେଖିବାକୁ ପାଇଲୁ । ସେହି ୧ ଘଣ୍ଟା କାଳବୈଶାଖି ର କରାଳ ତାଣ୍ଡବ ନିଜ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିବେ ନାହିଁ ।

## ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଚୈତନ୍ୟ ସମିତିର ସ୍ୱର୍ଗତ ଜୀ କ୍ରୀଷ୍ଣାରାଓଙ୍କ ସ୍ମୃତିରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରିବନ କାଟି ଶୁଭ ଉଦଘାଟନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଆରମ୍ଭ ହୋଇଥିଲା। ବିଶାଖାପାଟଣାରୁ ଆସିଥିବା ଡକ୍ଟରମାନେ ଚିକିତ୍ସା କରିଥିଲେ। ରକ୍ତ ଚାପ ପରୀକ୍ଷା, ବ୍ଲଡ଼ସୁଗର ପରୀକ୍ଷା, ଇସିଜି ଟେଷ୍ଟ, ମୁକ୍ତରେ ଔଷଧ ପ୍ରଦାନ କରାଯାଇଛି। ଡକ୍ଟର କେ ରାମ ମୂର୍ତ୍ତି, ଡକ୍ଟର ଜୀ ମହେଶ, ଡକ୍ଟର ଜୀ ଶ୍ରୀଧରଙ୍କ ସମେତ ଡକ୍ଟର ଓ ଚିକିତ୍ସକ ଟେକ୍ନିସିୟାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ବି ଜନାର୍ଦ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ସଂଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଶ୍ରମିକଙ୍କ ବଦଳରେ ମେସିନ କରୁଛି ମନରେଗା କାମ



କାଲିମେଳା, (ମହାଭାରତ): ମାଲକାନଗିରି ଜିଲ୍ଲାରେ ମନରେଗା ଯୋଜନାରେ ଶ୍ରମିକ ବଦଳରେ ମେସିନ ଦ୍ୱାରା କାର୍ଯ୍ୟ କରାଇବା ଏକ ପ୍ରକାର ପ୍ରଥା ସ୍ୱରୂପ ହୋଇଯାଇ ଥିବା ବେଳେ ଏ ନେଇ ପୂର୍ବରୁ ବିଭିନ୍ନ ଗଣ ମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଛି । ଏହା ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ କିଛି ସ୍ଥାନୀୟ କୁଜି ନେତା ବା କର୍ମୀ ମାନଙ୍କ ଯୋଗୁଁ ବର୍ତ୍ତମାନ ମନରେଗା କାର୍ଯ୍ୟରେ ମେସିନ ଲାଗିବା ବନ୍ଦ ହେବା ବଦଳରେ ଦିନକୁ ଦିନ ବଢିବାରେ ଲାଗିଛି । କେନ୍ଦ୍ର ସରକାରଙ୍କ ଏହି ଯୋଜନା ଲୋକଙ୍କୁ ରୋଜଗାର ଯୋଗାଇବା ପାଇଁ ହୋଇଥିବା ବେଳେ ଏହା କିନ୍ତୁ ନିଜର ମୂଳ ଲକ୍ଷରୁ ଓହରି ମେସିନ ମାଲିକ ମାନଙ୍କୁ ରୋଜଗାର ଯୋଗଉଥିବା ଅଭିଯୋଗ ହୋଇ ଆସୁଛି। କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ କୋଇମେଟଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏମ.ପି.ଭି -୬୨ ଗ୍ରାମ ର ତିନି ଟି ରାସ୍ତା ରାସ୍ତା ନିର୍ମାଣର। ସୂଚନା ମୁତାବକ ଏମ.ପି.ଭି -୬୨ ଗ୍ରାମ ଠାରୁ କର୍ମକାର ସାହି ରାସ୍ତା, ଏମ.ପି.ଭି -୬୨ ଗ୍ରାମ ର ମନ୍ଦିର ଠାରୁ ଜାମାଇ ଗୁଡା ରାସ୍ତା ଏବଂ ଏମ.ପି.ଭି -୬୨ ଗ୍ରାମ ଠାରୁ ପାଲ ସାହି ରାସ୍ତା ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ବିନା ଫଳକରେ କରାଯାଉଛି। ଏଥି ମଧ୍ୟରୁ ପାଲ ସାହି ରାସ୍ତା କୋଡ଼ ନଂ (୨୪୩୧୦୧୦୦୧୧/ଜଉ/ ୧୦୬୦୭୬୮୩), ଏମ.ପି.ଭି - ୬୨ ଗ୍ରାମ ମନ୍ଦିର ଠାରୁ ଜାମାଇ ଗୁଡା ରାସ୍ତା କୋଡ୍ ନଂ(୨୪୩୧୦୧୦୦୧୧/ଜଉ/ ୧୦୬୦୭୬୮୭) ୩. ୮୪ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳର ରାସ୍ତା କାମ ହୋଇଅଛି । ଗୋଟିଏ ଦିନରେ ମେସିନ ଲଗାଇ ସାରିଦେଲେ ୩ ଟି ଯାକ ରାସ୍ତା। କିନ୍ତୁ କାହା ଆଦେଶ ରେ କାମ ହେଲା ତାହା ସାମ୍ନାକୁ ଆସୁ ନାହିଁ। କିଛି ବଡ଼ ବଡିଆ ନେତା ନା ଅଫିସର ତାହା ଜଣା ପଡିନାହିଁ। ସ୍ଥାନୀୟ କିମ୍ବା ପଞ୍ଚାୟତ ଅର୍ନ୍ତଗତ ଶ୍ରମିକଙ୍କ ଦ୍ୱାରା ଏହି କାର୍ଯ୍ୟ କରିବା ନିୟମାବଳୀରେ ରହିଥ?ିବା ସତ୍ତ୍ୱେ ଅତ୍ୟାଧିକ ଲାଭବାନ ହେବାକୁ ଲକ୍ଷ୍ୟ ରଖି ବେଆଇନ୍ ଭାବେ ଶ୍ରମିକ ବଦଳରେ ମେସିନ ଦ୍ୱାରା କାମ କରଯାଇଥିବା ଜଣାପଡ଼ିଛି । ସ୍ଥାନୀୟ କିଛି ପ୍ରଭାବ ଶାଳି ବ୍ୟକ୍ତି ବିଶେଷ ଓ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ବିନା ଏପରି ଦୁର୍ନୀତି ପୁର୍ଣ୍ଣ କାର୍ଯ୍ୟ ସମ୍ଭବ ହେବ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ତେବେ ଏହି ରାସ୍ତା କାମ ଶ୍ରମିକ ଦ୍ୱାରା କାର୍ଯ୍ୟ ହୋଇଥିଲେ ସ୍ଥାନୀୟ ଲୋକେ ମଜୁରୀ ପାଇ ଆତ୍ମନିର୍ଭରଶୀଳ ହୋଇ ପାରିଥାଆନ୍ତେ, ଯାହାକି ମେସିନ୍ ଦ୍ୱାରା ମାତ୍ର ଗୋଟିଏ ଦିନରେ କାମ ଶେଷ କରି ଠିକାଦାର ମୋଟା ଅଙ୍କର ଅର୍ଥ ଲାଭକରିବା ଭୋଳି ଚିତ୍ର ସମ୍ନାକୁ ଆସିଛି । ସବୁଠୁ ବଡ଼ କଥା ଠିକାଦାର ମେସିନ୍ ଦ୍ୱାରା ମାତ୍ର ଗୋଟିଏ ଦିନରେ କାମ ଶେଷ କରି ସ୍ଥାନୀୟ ଜବ କାର୍ଡ ଧାରିଙ୍କ ଆକାଉଣ୍ଟ କୁ ଅସାଧୁ ଉପାୟରେ ଅର୍ଥ ପୈଇଠ କରି ଲାଭବାନ ହେବେ ନାହିଁ ତ ତାହା ଦେଖିବାକୁ ବାକି ରହିଲା।

# ସାଲେପୁର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ସାଲେପୁର, (ମହାଭାରତ): ସାଲେପୁରର ସୁନାମଧନ୍ୟ ତଥା ବିଗତ ବର୍ଷରେ ସି.ବି.ଏସ୍.ଇ. ବୋର୍ଡ ପରୀକ୍ଷାରେ ଗ୍ରାମାଞ୍ଚଳ ସି.ବି.ଏସ୍.ଇ. ଅନୁବନ୍ଧିତ ବିଦ୍ୟାଳୟମାନଙ୍କ ମଧ୍ୟରେ ସର୍ବୋତ୍ତମ ଫଳାଫଳ ଆଣି ସିଟି ସ୍ତରରେ ପୁରସ୍କୃତ ସାଲେପୁର ପବ୍ଲିକ୍ ସ୍କୁଲ ତା'ର ୨୩ତମ ବାର୍ଷିକ ଉତ୍ସବ 'ସିନର୍ଜିଆ' ଗତ କାଲି ମହାସମାରୋହରେ ପାଳନ କରିଛି। ଏହି ଅବସରରେ ବିଦ୍ୟାଳୟର ମ୍ୟାନେଜିଂ ଡ଼ିରେକ୍ଟର ଡକ୍ଟର ଜୟନ୍ତୀ ମିଶ୍ର ସ୍ୱାଗତ ଭାଷଣରେ ଅତିଥି ପରିଚୟ ପ୍ରଦାନ ପୂର୍ବକ ଅତିଥିମାନେ ବହୁମୂଲ୍ୟ ସମୟ ଏ ବିଦ୍ୟାଳୟର ପିଲାମାନଙ୍କୁ ଦେଇଥିବାରୁ ଅନୁଷ୍ଠାନ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ। ପାରମ୍ପାରିକତା ଦୃଷ୍ଟିରୁ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଭିରାମ ସାହୁ ବିଦ୍ୟାଳୟର ବିଗତ ବାର୍ଷିକ ତଥ୍ୟ ପ୍ରଦାନ ପୂର୍ବକ ଚଳିତ ଶିକ୍ଷା ବର୍ଷର କାର୍ଯ୍ୟଯୋଜନା ସମ୍ପର୍କିତ ତାଲିକା ଉପସ୍ଥାପନ କରିଥିଲେ। ଇତ୍ୟବସରରେ ମୁଖ୍ୟ ଅତିଥିରୂପେ ଯୋଗଦାନ କରି ସାଲେପୁରର ତହସିଲଦାର ଜୟନ୍ତ କୁମାର ଜୟସିଂହ ବିଗତ ଦିନମାନଙ୍କରେ ବିଦ୍ୟାଳୟର ଶିକ୍ଷା, ସମାଜସେବା, ସାମାଜିକ ସଚେତନତା, କଳାନୈପୁଣ୍ୟତା ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ନିଷ୍ଠାପରତା ଆଦିର ଭୂୟସୀ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ବଳରେ ପ୍ରତିଷ୍ଠିତ ହୋଇ ଅନୁଷ୍ଠାନର ଓ ଅଞ୍ଚଳର ସୁନାମ ଆଣିବାର ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ କଟକ ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ ଯଦିଓ ଅନ୍ୟ ଜରୁରୀ କାର୍ଯ୍ୟବସତଃ କାର୍ଯ୍ୟକ୍ରମରେ ଯୋଗଦାନ କରିପାରିନଥିଲେ ତଥାପି ଆଭାସୀ ବାର୍ତ୍ତାରେ ବିଦ୍ୟାଳୟର ପ୍ରତିଷ୍ଠାତା, ମ୍ୟାନେଜିଂ ଡ଼ିରେକ୍ଟର ଓ ଅଧ୍ୟକ୍ଷ ଅଧ୍ୟକ୍ଷଙ୍କୁ ସାଧୁବାଦ ଜଣାଇବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତାର ବିକାଶରେ ସହାୟତା ପାଇଁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସାଲେପୁର ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ବିଦ୍ୟାଳୟର କାର୍ଯ୍ୟଦକ୍ଷତା, ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶିକାଙ୍କ ତତ୍ତ୍ୱାବଧାନ ଦକ୍ଷତା, ଶିକ୍ଷକଶିକ୍ଷତ୍ରୀଙ୍କ କାର୍ଯ୍ୟଶୈଳୀ ଓ କାର୍ଯ୍ୟଧାରା ତଥା ଉତ୍ସବ ପାଳନର ସୁସଂଗଠିତ ଭବ୍ୟ ଆୟୋଜନ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିଶୁ ପ୍ରାଣତାର ଭୁରିଭୁରି ପ୍ରଶଂସା କରିଥିଲେ। ବିଦ୍ୟାଳୟର ସଭାପତି ତଥା ବାଲିଆ ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଷ୍ଣୁଚରଣ ପାତ୍ର ମହୋଦୟ ଜାତୀୟ ଶିକ୍ଷାନୀତି-୨୦୨୦ ର ସଫଳ ରୂପାୟନ ଦିଗରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଓ ବିଦ୍ୟାଳୟର ଶିକ୍ଷଣ ସଂକ୍ରମଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦିଲ୍ଲୀପ କୁମାର ବରାଳ ମହୋଦୟ ଅତିଥିମାନଙ୍କର ଯୋଗଦାନ, ଶିକ୍ଷକଶିକ୍ଷୟିତ୍ରୀଙ୍କ ତ୍ୟାଗପୂତ କର୍ମ ସଂପାଦନ ଓ ଶିକ୍ଷାର୍ଥୀଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଶୁଭେଚ୍ଛାର ବାର୍ତ୍ତା ଦେଇଥିଲେ। ଇତ୍ୟବସରରେ ବିଗତ ବୋର୍ଡ ପରୀକ୍ଷାରେ ଅନୁଷ୍ଠାନ ପାଇଁ ସୁନାମ ଆଣିଥିବା ଦଶମ ବୋର୍ଡ ପାଇଁ ଅନନ୍ୟାଶ୍ରୀ ଦାସ, ଆଦ୍ୟାଶା ମହାନ୍ତି,ଅନନ୍ୟା ସ୍ୱାଇଁ, ପ୍ରୀତିଶା ପ୍ରିୟଦର୍ଶନୀ ରାଉତ, ପ୍ରୀତି ପ୍ରିୟଦର୍ଶନୀ ସାହୁ, ସଞ୍ଚିତ ପାଲ, ନିହାରୀକା ରାଉଳ, ଏସ୍ ପ୍ରତ୍ୟୁଷ ପ୍ରଧାନ,'"ହିମାଂଶୁ ଶେଖର ସାହୁ, ଅବଦୁଲ କାଦିର ଖାନ, ନିହାର ରଞ୍ଜନ ସ୍ୱାଇଁ ଓ ଆଲୋକ ଚନ୍ଦ୍ର ମଲ୍ଲିକ, ତଥା ଦ୍ୱାଦଶ ବୋର୍ଡ ପାଇଁ ସୁମିତ କୁମାର ସାହୁ, ଶ୍ରୀତମ ମହାପାତ୍ର, ତୟବା ଆମ୍ବ୍ରିନ, ପ୍ରିୟମ୍ବଦା ଚୌଧୁରୀ ଓ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଶିକ୍ଷାର୍ଥୀଙ୍କୁ ନିମନ୍ତ୍ରିତ ଅତିଥିଗଣ ସମ୍ମାନିତ କରିଥିଲେ। ପରେ ପରେ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପରିବେଶିତ ନୀଳମାଧବ ନାଟକ, ବାବୁରାଓ କମେଡ଼ି, ବନ୍ଦେ ମାତରମ ନୃତ୍ୟାଭିନୟ, ସମ୍ବଲପୁରୀ ଓ ଅନ୍ୟାନ୍ୟ ବହୁଭାଷୀ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କ ପାଇଁ ବେଶ ଉପଭୋଗ୍ୟ ହୋଇଥିଲା।

## ବାଟ ହୁଡୁଛି କ୍ଷେତ ପୋଖରୀ



ଗଜପତି, (ମହାଭାରତ) : ଗଜପତିରେ ମୃତିକା ସଂରକ୍ଷଣ ତଥା ଜଳ ବିଭାଜିକା ପକ୍ଷରୁ କ୍ଷେତ ପୋଖରୀ ଜିଲ୍ଲାରେ ଖୋଳାଯାଇଛି ଚାଷୀଙ୍କ ସକାଶେ। ଚାଷୀ ନିଜ ଜମିରେ କ୍ଷେତ ପୋଖରୀ ଖୋଳି ଚାଷୀ ନିଜର ଚାଷ କାର୍ଯ୍ୟରେ ବ୍ୟବହାର କରିପାରିବ। କନଭରଜେନ୍ସି ମାଧ୍ୟମରେ ବିଭିନ୍ନ ବିଭାଗର ସହାୟତାରେ, ମାଛ ଚାଷ, ବତକ ଚାଷ ହୁଡରେ ବିଭିନ୍ନ ଲତା ଜାତୀୟ ପାରିବା ଚାଷ କରାଯାଇ ହିତାଧିକାରୀଙ୍କ ଜୀବନଜୀବିକାରେ ମନର ଉନତି କରିବା ସକାଶେ ସରକାରଙ୍କ ଲକ୍ଷ କିନ୍ତୁ ବାସ୍ତବରେ କ୍ଷେତ ପୋଖରୀ ଜେସିବି ସାହାଯ୍ୟରେ ଖୋଳାଯାଉଥିବାର ଅଭିଯୋଗ ହେଉଛି। ସରକାର ମହାତ୍ମା ଗାନ୍ଧୀ ନିଶ୍ଚିୟ କର୍ମ ନିଯୁକ୍ତି ଯୋଜନାରେ କ୍ଷେତ ପୋଖରୀ ଖୋଳେ ଶ୍ରମିକ ସାହାର୍ଯ୍ୟରେ କିନ୍ତୁ ଜେସବି ସାହାର୍ଯ୍ୟରେ କାମ କରାଯାଉଥିବା ଅଭିଯୋଗ ହେଉଛି । ଏହି ଯୋଜନାରେ ଲୋକେ ନିଜ ଅଞ୍ଚଳରେ କାମ କରିବେ ନିଜର ଜୀବନ ଜୀବିକା ହୋଇପାରିବ । ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବେ ନାହିଁ । ନିଜ ଅଞ୍ଚଳରେ କାମ କରିବେ ବୋଲି ଲକ୍ଷ କିନ୍ତୁ ବାସ୍ତବରେ ମଣିଷ ନ ଖୋଳି ଜେସିବି ସାହାଯ୍ୟରେ ଖୋଳାଯାଉଥିବାର ଅଭିଯୋଗ ହେଉଛି ।

# ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ

ରାଇରଙ୍ଗପୁର, (ମହାଭାରତ): ରାଜ୍ୟରେ ବିଜେପି ସରକାର ଆସିବାପରେ ଦଳ ତାର ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ କରିବା ପାଇଁ ପଦକ୍ଷେପ ନେଉଛି ।ଦଳର ମେରୁଦଣ୍ଡ ହେଉଛନ୍ତି ତୃଣମୂଳ ସ୍ତରର କର୍ମୀ । ଯେଉଁ ଦଳ ତୃଣମୂଳ ସ୍ତରରେ ସୁଦୃଢ, ସେହି ଦଳ ସେତେ ସଶକ୍ତ । ଆଜି ରାଇରଙ୍ଗପୁର ସହରର ପିସିଏମ କଲ୍ୟାଣ ମଣ୍ଡପ ପରିସରରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ସଂପାଦକ ନବୀନ ରାମ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ,ପ୍ରାକ୍ତନ ପଶ୍ଚିମ ମୟୂରଭଞ୍ଜ ବିଜେପି ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ, ଜିଲ୍ଲା ବିଜେପି ସମ୍ପାଦକ ମନୋଜ ଦାସ, ନଗର ବିଜେପି ସଭାପତି ସୁରଥ ପଟ୍ଟନାୟକ, ଶିବୁ ଅଗ୍ରୱାଲ, ବିକାଶ ମହାନ୍ତ, ମହିଳା ବିଜେପି ଉପ ସଭାନେତ୍ରୀ ମିନତୀ ବସା, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ବିଜୁ ଗୋପାଲ ଗୋପ,ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଆଲୋକ ରଂଜନ ମହାନ୍ତ,ଆଇଟି ସେଲ ଶଶାଙ୍କ କୁମାର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଭାରତମାତା ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଆଶୀର୍ବାଦ ନେଇଥିଲେ । ନିକଟରେ ଦିବଂଗତ ସାଥୀ ତଥା ଓଡ଼ିଶା କୃଷକ ମୋର୍ଚ୍ଚା ନେତା ପାରାଉ ହେମ୍ବ୍ରମ ଙ୍କ ନିଧନ ଯୋଗୁଁ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ୩୦୦ ପୁରୁଷ ଓ ମହିଳା ସକ୍ରିୟ ସଦସ୍ୟ ଓ ସଦସ୍ୟାଙ୍କୁ ଦଳର ନେତୃବୃନ୍ଦ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ତଦସହ ନୂତନ ଭାବେ ନିର୍ବାଚିତ ହଳଦା ମଣ୍ଡଳ ସଭାପତି ସୁନିଲ ମହାନ୍ତ, ଝରାଡିହିର ସମୀର ମହାକୁଡ଼, ରାଇରଙ୍ଗପୁର ଗ୍ରାମୀଣ ମଣ୍ଡଳର ଲକ୍ଷ୍ମଣ ମହାନ୍ତି, ଜାମଦା ମଣ୍ଡଳର ଅଜିତ ବାରିକ, ପାସନା ମଣ୍ଡଳର ଭୀମ ପୂର୍ତ୍ତିଙ୍କୁ ନେତୃବୃନ୍ଦ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ବିଧାୟକ ଜଲେନ ନାଏକ ସମସ୍ତଙ୍କୁ ଓଡ଼ିଆ ନବ ବର୍ଷର ଅଭିନନ୍ଦନ ଜଣାଇବା ସହ ମୋହନ ସରକାରଙ୍କ ୧୦ ମାସର ସଫଳତା ଉପରେ ଉପସ୍ଥିତ ଦଳୀୟ କର୍ମୀଙ୍କୁ ଅବଗତ କରାଇଥିଲେ । ତଦସହ ରାଜ୍ୟ ବିଜେପି ଉପସଭାପତି ନବୀନ ରାମ କହିଥିଲେ ବିଜେପି ହେଉଛି ଲୋକଙ୍କ ଦଳ । ତେଣୁ ସମସ୍ତ ସକ୍ରିୟ ସଦସ୍ୟ / ସଦସ୍ୟା ଘରକୁ ଯାଇ ଲୋକଙ୍କ ସହ ଯୋଡି ହୋଇ ସେମାନଙ୍କ ଦୁଃଖସୁଖର ସାଥି ହେଲେ ଲୋକେ ବିଜେପି ପ୍ରତି ଆସ୍ଥା ରଖିବେ । ଆଗକୁ ତ୍ରିସ୍ତରୀୟ ଓ ପୌର ନିର୍ବାଚନ ହେବ । ତେଣୁ ସଂଗଠନକୁ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୧ବର୍ଷର ସୁଶାସନ ଓ ଯୁଗାନ୍ତକାରୀ ଲୋକକଲ୍ୟାଣ ଯୋଜନା ଉପରେ ନିଜେ ଭଲ କରି ବୁଝି ଘରକୁ ଘର ବୁଲି ଦଳମତ ନିର୍ବିଶେଷରେ ସାଧାରଣ ଜନତାଙ୍କୁ ବୁଝାଅ। ସେହିଭଳି ପ୍ରାକ୍ତନ ଜିଲ୍ଲା ସଭାପତିଓ୍ୱ କୃପାସିନ୍ଧୁ ମହାନ୍ତେ ୧୯୧୩ ମସିହାରୁ ଜନସଂଘରୁ ବିଜେପି ଗଠନ ଓ ବିଜେପିର ଇତିହାସ ଉପରେ ବକ୍ତବ୍ୟ ରଖିବା ଓ ସାଂଗଠନିକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ସେହିଭଳି ନଗର ସଭାପତି ସୁରଥ ପଟନାୟକ କୃଷି ଓ ଉଦ୍‌ଯୋଗଭିତିକ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ।

# ଓଡ଼ଗାଁ ଏନ୍.ଏ.ସି ଦଖଲ ପାଇଁ ବିଜେଡ଼ି-ବିଜେପି ମଧ୍ୟରେ ଟଣାଓଟରା



ଓଡ଼ଗାଁ, (ମହାଭାରତ) : ଓଡ଼ଗାଁ ଏନ୍.ଏ.ସି କୁ ନେଇ ମୁହାଁମୁହିଁ ବିଜେଡ଼ି-ବିଜେପି। ନୟାଗଡ଼ର ବିଜେପି ନେତ୍ରୀ ପ୍ରତ୍ୟୁଷା ଏବଂ ବିଜେଡି ନେତ୍ରୀ ଇରାନୀଙ୍କ ମଧ୍ୟରେ ପ୍ରାକ୍ ଲଢ଼େଇ ଆରମ୍ଭ ହୋଇଛି। ପୂର୍ବରୁ ପ୍ରତ୍ୟୁଷା ବିଜେଡ଼ି ଶିବିରରେ ଥିବା ବେଳେ ଇରାନୀ ବିଜେପି ଶିବିର ଥିଲେ। କିନ୍ତୁ ଏବେ ଓଲଟ ପାଲଟ ଦୁଇ ନେତ୍ରୀଙ୍କ ରାଜନୀତିର ଧାର। ନିର୍ବାଚନ ପାଇଁ ହୋଇନି ତାରିଖ ଘୋଷଣା। ସେପଟେ କିନ୍ତୁ ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଏନ୍.ଏ.ସି ଦଖଲ ପାଇଁ ବିଜେଡ଼ି-ବିଜେପି ମଧ୍ୟରେ ଆରମ୍ଭ ହୋଉଛି ଟଣାଓଟରା। ଏହାକୁ ନେଇ ନୟାଗଡ଼ର ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏବଂ ବିଜେଡ଼ି ନେତ୍ରୀ ଇରାନୀ ରାୟଙ୍କ ମଧ୍ୟରେ ଚାଲିଛି ବାକ୍ ଯୁଦ୍ଧ। ଓଡ଼ଗାଁ ଏନ୍.ଏ.ସି ରେ ନିର୍ବାଚନ ହେଲେ ବିଜେଡ଼ି ହାରିବା ଭୟରେ ଜାଣିଶୁଣି ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ବିଭିନ୍ନ ଆଳ ଦେଖାଇ ସାତ ବର୍ଷ ହେଲା ନିର୍ବାଚନ ବନ୍ଦ ରଖିଥିବା ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଅଭିଯୋଗ କରିଛନ୍ତି। ନବ କିଶୋର ପାଣିଗ୍ରାହୀ ନାମକ ଜଣେ ବ୍ୟକ୍ତି ବିଜେଡ଼ି ସମର୍ଥକଙ୍କ ମାଧ୍ୟମରେ କୋର୍ଟରେ କେସ କରି ଅରୁଣ ଓଡ଼ଗାଁ ଏନ୍.ଏ.ସି ନିର୍ବାଚନକୁ ସ୍ଥଗିତ ରଖିଥିଲେ ବୋଲି ପ୍ରତ୍ୟୁଷା କହିଛନ୍ତି। ରାଜ୍ୟ ରେ ଏବେ ବିଜେପି ସରକାର ଆସିବା ପରେ ତାହା ଦୂର ହୋଇଛି। ଖୁବ୍ ଶୀଘ୍ର ଓଡ଼ଗାଁ ଏନ୍.ଏ.ସି ପାଇଁ ନିର୍ବାଚନ ତାରିଖ ଘୋଷଣା ହେବ। ପୂର୍ବ ରୁ ଓଡ଼ଗାଁ ଏନ୍.ଏ.ସି ରେ ନିର୍ବାଚନ ପାଇଁ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବହୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ଅଭିଯୋଗ କରିଛନ୍ତି। ହେଲେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କ ହାରିବା ଭୟରେ କୋର୍ଟର ଆଳ ଦେଖାଇ ଜାଣିଶୁଣି ଓଡ଼ଗାଁ ଏନ୍.ଏ.ସିରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେପଟେ ପ୍ରତ୍ୟୁଷାଙ୍କୁ କାଉଣ୍ଟର ଆଟାକ୍ କରିଛନ୍ତି ବିଜେଡ଼ି ନେତ୍ରୀ ଇରାନୀ ରାୟ। ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ କଡା ଜବାବ୍ ଦେଇ କହିଛନ୍ତି ଡବଲ ଇଞ୍ଜିନ ସରକାର ମିଛ କହିବା ଧରା ପଡି ସାରିଲାଣି। ଲୋକମାନେ ଆଉ ବୋକା ନୁହଁନ୍ତି। କୁଆଡେ ଗଲା ତମ ବିଜେପି ସରକାରଙ୍କ ମାଗଣା ତିନିଶହ ୟୁନିଟ୍ ବିଜୁଳି ଏବଂ ମହିଳାଙ୍କୁ ପଚାସ ହଜାର ଟଙ୍କା ର ଭାଉଚର ପ୍ରତିଶୃତି। ଲୋକ ମାନେ ବୁଝି ସାରିଲେଣି ଡବଲ୍ ଇଞ୍ଜିନ ସରକାର କ'ଣ। ଏବେ ପୁଣି ବିଜେଡ଼ି ମୁହାଁ ଭୋଟର ମାନେ ହେଲେଣି। ଅନେକ ଛାମୁଆ କର୍ମୀ ବିଜେଡ଼ି ଶିବିରରେ ଯୋଗ ଦେଇଛନ୍ତି। ମଜ୍ଜୁଭୂତ ହେଉଛି ବିଜେଡ଼ି। ନିର୍ବାଚନ ହେଲେ ଓଡ଼ଗାଁ ଏନ୍.ଏ.ସି ର ୧୩ ଟି ଯାକ ୱାର୍ଡ ବିଜେଡ଼ି ହାତରେ ରହିବ ବୋଲି ବିଜେଡ଼ି ନେତ୍ରୀ ଇରାନୀ ରାୟ କହିଛନ୍ତି। ଉଭୟ ବିଜେପି ଏବଂ ବିଜେଡ଼ି ଓଡ଼ଗାଁ ଏନ୍.ଏ.ସି ନିର୍ବାଚନ ପାଇଁ ନିଜର ସମର୍ଥକ ଯୋଗାଡ଼ରେ ଲାଗି ପଡିଥିବା ବେଳେ ୧୩ ଟି ୱାର୍ଡ କୁ ନେଇ ଗଠିତ ହୋଇଥିବା ଓଡ଼ଗାଁ ଏନ୍.ଏ.ସିରେ ସାତ ବର୍ଷ ହେଲା ନିର୍ବାଚନ ନ ହେବା ଘଟଣାକୁ ନେଇ ଗୋଟିଏ ଚର୍ଚ୍ଚା ଓଡ଼ଗାଁରେ କ'ଣ ଚାଲିଛି। କିଏ କହୁଛି ସତ ବିଜେଡି ନାଁ ବିଜେପି। କାହିଁକି ସାତ ବର୍ଷ ହେବ ହେଉନାହିଁ ଓଡ଼ଗାଁ ଏନ୍.ଏ.ସି ନିର୍ବାଚନ। ସେପଟେ ପ୍ରତ୍ୟୁଷା ଓଡ଼ଗାଁ ଏନ୍.ଏ.ସି ରେ ବିଜେପି ପାଟି ଅଫିସ ଖୋଲି ଦଳୀୟ ସଂଘଠନ ଆରମ୍ଭ କରୁଥିବା ବେଳେ ଇରାନୀ ପୂର୍ବରୁ ବିଜେପିର ନୟାଗଡ଼ ବିଧାୟକ ପ୍ରାର୍ଥୀ ଥିଲେ କିନ୍ତୁ ଗତ ସାଧାରଣ ନିର୍ବାଚରେ ବିଜେପି ରୁ ଟିକେଟ ନ, ମିଳିବାରୁ ସେ ବିଜେଡ଼ି ରେ ଯୋଗ ଦେଇଛନ୍ତି। କିନ୍ତୁ ତାଙ୍କ ସମର୍ଥକ ବିଜେଡି ଶିବିରରେ ନାଁ ବିଜେପି ଶିବିରରେ ତାଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ଠାକୁରମୁଣ୍ଡାରୁ ନିଖୋଜ ଶିଶୁକନ୍ୟା ଉଦ୍ଧାର

ବ୍ୟାସନଗର, (ମହାଭାରତ) : ତିନି ଦିନ ତଳେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳରୁ ୫ବର୍ଷର ଶିଶୁକନ୍ୟାକୁ ବ୍ୟାସନଗରରୁ ଉଦ୍ଧାର। ଘଟଣା ଅନୁଯାୟୀ କରଞ୍ଜିଆରୁ ସିପି ପାତ୍ର ନିଜ ଶିଶୁ କନ୍ୟା ସହିତ ଠାକୁରମୁଣ୍ଡାରେ ହେଉଥିବା ଉଡ଼ା ପର୍ବ ଦେଖିବାକୁ ଗତ ୧୭/୪ ରିଖରେ ଆସିଥିଲେ। ସେହିଦିନ ସନ୍ଧ୍ୟାରେ ତାଙ୍କର୍ ଶିଶୁ କନ୍ୟା ନିଖୋଜ ହୋଇଥିଲା। ଏ ନେଇ ସେ ୧୮/୪ରେ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନାଧିକାରିଣୀ ସାବିତ୍ରୀ ଦଳେଇ ବିଭିନ୍ନ ସିସି ଟିଭିକୁ ଯାଞ୍ଚ କରି ଜଣେ କିନ୍ନର ଶିଶୁକନ୍ୟାକୁ ସାଙ୍ଗରେ ନେଇ ଶ୍ରୀ ଲକ୍ଷ୍ମୀ ନାମକ ଏକ ବସରେ ଯାଇଥିବା ଜଣାପଡ଼ିଥିଲା। ଥାନାଧିକାରିଣୀ ବ୍ୟାସନଗର ଅଞ୍ଚଳରେ ଥିବା କିନ୍ନର ସଂଘକୁ ଏ ବିଷୟରେ ଖବର କରାଯାଇଥିଲା। ସଂଘର ଦୁଇ ବରିଷ୍ଠ ସଭ୍ୟା କାଜଲ ନାୟକ ଓ ଲଭଲି ସାହୁ ବ୍ୟାସନଗର ଅଞ୍ଚଳର କାଚ ହୁଡ଼ି ସାହିରେ ନିଖୋଜ ଶିଶୁ କନ୍ୟା ଥିବାର ଖବର ପାଇ ଯାଇ ଦେଖିବା ପରେ ସେଠାରୁ ଲିପୁ ନାୟକ ନାମକ ଯୁବକ କିନ୍ନର ବେଶରେ ଶିଶୁ କନ୍ୟାକୁ ଆଣିଥିବା ମାନିଥିଲା । ଅଭିଯୁକ୍ତ ଲିପୁକୁ ଯାଜପୁର ରୋଡ ଆଦର୍ଶ ଥାନାରେ ଜିମା ଦେବା ସହ ଠାକୁରମୁଣ୍ଡା ଥାନାକୁ ଖବର ଦେଇଥିଲେ। ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳେଇଙ୍କ ସହ ଶିଶୁକନ୍ୟାର ମା' ଯାଜପୁର ରୋଡ ଥାନାରେ ପହଁଚି ଶିଶୁକନ୍ୟାକୁ ନିଜ ସହିତ ନେଇଥିବା ଜଣାପଡିଛି । କିନ୍ନର ସଂଘ ପକ୍ଷରୁ ଏ ପରି ପୁରୁଷ ମାନେ କିନ୍ନର ବେଶରେ ଅପରାଧ କରିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସିକାଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ସଭା

ଆସିକା, (ମହାଭାରତ) : ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ସଭାଗୃହରେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଦିବଂଗତ ମୁଖ୍ୟ ପ୍ରଶାସିକା ରାଜ ଯୋଗିନୀ ଦାଦି ରତନ ମୋହିନୀଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ହୋଇଯାଇଛି । ସଭାରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଦାଦି ରତନ ମୋହିନୀଙ୍କ ଆଧାତ୍ମିକ ଜୀବନ ବିଷୟରେ ସ୍ମୃତି ଚାରଣ କରିଥିଲେ।

## ରାମ୍ବିକଟା ଠାରେ ନାମଯଜ୍ଞ

ବୌଦ୍ଧ, (ମହାଭାରତ) : ହରଭଙ୍ଗା ବ୍ଲକ ରାମ୍ବିକଟା ଗ୍ରାମରେ ରବିବାର ୪୮ତମ ମହାମନ୍ତ୍ର ଅଷ୍ଟପ୍ରହର ନାମଯଜ୍ଞ ହୋଇଯାଇଛି। ଶନିବାର ଗ୍ରାମବାସୀ ଶୁଭ କଳସରେ ଗଙ୍ଗାମାତାଙ୍କୁ ଆମନ୍ତ୍ରିତ କରି କଳସ ଶୋଭାଯାତ୍ରା କରି ଯଜ୍ଞକୁଣ୍ଡରେ ଅବସ୍ଥାପିତ କରାଯାଇଥିଲା। ଆଜି ପ୍ରାତଃରୁ ଅଷ୍ଟପ୍ରହାର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଯଜ୍ଞରେ କର୍ତ୍ତା ଭାବେ ଅଖିଳ କହଁର ଓ ଧର୍ମପତ୍ନୀ ତ୍ରିପୁରା କହଁର କାର୍ଯ୍ୟଭାର ତୁଲାଇଥିବା ବେଳେ ପୂଜକ ଭାବେ ରାମଚନ୍ଦ୍ର ପଣ୍ଡା ଓ ସ୍ୱାଧୀନ ମହାପାତ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞ ସହିତ ଅନ୍ନଯଜ୍ଞ ଓ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା । ନାମଯଜ୍ଞ ଶାନ୍ତି ଶୃଙ୍ଖଳା ସହିତ ସମାପନ ହୋଇଥିବା ବେଳେ ଗ୍ରାମ୍ୟ ସଭାପତି ଦୁର୍ଯ୍ୟୋଧନ ମଲ୍ଲିକ, ସମ୍ପାଦକ ପ୍ରଦୀପ ବେହେରା, ଗ୍ରାମ୍ୟ କମିଟି ସଭ୍ୟ ଅଗାଧୁ ଛତ୍ର, ବନମାଳୀ, ଅର୍ଜୁନ ବେହେରା, ସତ୍ୟେନାୟକ ଅକ୍ଷୟ କହଁର, ଟୁଲୁ ଭମର କହଁର, ଗଜି ଇନ୍ଦ୍ରକୁମାର ସେଠୀ, ଅନି ବାଘ, ଅକ୍ଷୟ ମହାକୁଡଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ଗ୍ରାମର ଏକ ଅନନ୍ୟ ମାଟି ମା' ପୂଜା ଯାହାକି ପ୍ରତି ତିନି ବର୍ଷରେ ଥରେ ହୋଇଥାଏ ।

## ୩୧ ତମ ଶ୍ରୀମଦ ରାମ ଚରିତ ମାନସ ପରାୟଣ ଓ ଭକ୍ତି ଜ୍ଞାନଯଜ୍ଞ ଆରମ୍ଭ

ଅନୁଗୋଳ(ମହାଭାରତ):ଅଁରପାଳ ବ୍ଲକ୍ କାଣ୍ଡସର ଗ୍ରାମ ପଞ୍ଚାୟତର ଶ୍ରୀରାମ ମଣ୍ଡପ ଠାରେ ଶ୍ରୀମଦ ରାମ ଚରିତ ମାନସ ପରାୟଣ ଓ ଭକ୍ତି ଜ୍ଞାନଯଜ୍ଞ ଆରମ୍ଭ ହୋଇଯାଇଛି ।୩୧ ତମ ରାମ ଚରିତ ମାନସ ପାରାୟଣ ଓ ଭକ୍ତି ଜ୍ଞାନଯଜ୍ଞ ପାରାୟଣ ପରିଷଦ ଓ କାଣ୍ଡସର ଗ୍ରାମବାସୀ ଙ୍କ ଆନୁକୁଲ୍ୟରେ ସ୍ଥାନୀୟ ଭାଗବତ ପ୍ରେମୀ, ଭକ୍ତ ଓ ଭାବୁକ ମାନଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଯାଇଛି ।ଏହା ଏପ୍ରିଲ ୧୮ ତାରିଖ ଠାରୁ ଆରମ୍ଭ ହୋଇ ଏପ୍ରିଲ ୨୬ତାରିଖ ପର୍ଯ୍ୟନ୍ତ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀ ରାମଚନ୍ଦ୍ର ମହାପ୍ରଭୁ ଙ୍କ ପବନ ଲୀଳା ଓ କୀର୍ତ୍ତି ସମ୍ବଳିତ ଗୋସ୍ୱାମୀ ସ୍ୟ ତୁଳସୀ ଦାସ ଜୀ ମହାରାଜ ଙ୍କ ବିରଚିତ ଶ୍ରୀମଦ୍ ରାମଚରିତ ମାନସ ମହାଗ୍ର୍ୟାନୁ ମୋଦିତ ନବମ ଦୀପ ବ୍ୟାପି ପ୍ରବଚନ ଜ୍ଞାନଯଜ୍ଞ କଥାବୃତ ଚାଲିବ ।ଏଥିରେ ବିଶିଷ୍ଟ ସାଧୁ ,ସ୍ୟ, ଜ୍ଞାନୀ, ଗୁଣି ପ୍ରବଚକ ବ୍ୟାସ ଶ୍ରୀ ମୈଥିଳି ଦାସ ମହାରାଜ,ପଣ୍ଡିତ ବସନ୍ତ ପଣ୍ଡା, ପଣ୍ଡିତ ବସନ୍ତ ବିଶୋଇ ଓ ପଣ୍ଡିତ ଆଶ୍ରିବାଦ ମହାରାଜ ରାମାୟଣ ଧର୍ମ, ଆଦର୍ଶ, ଜ୍ଞାନ ଭକ୍ତି ଓ ତତ୍ ଦର୍ଶନ ସମ୍ପର୍କିତ ବିଶଦ ଆଲୋଚନା ମାନ ଉପସ୍ଥାପନ କରିବେ ।ପାରାୟଣ ଆରମ୍ଭ ପ୍ରତ୍ୟହ ସନ୍ଧ୍ୟା ୭ଘଣ୍ଟିକା ଠାରୁ୧୦ ଘଟିକା ପର୍ଯ୍ୟନ୍ତ ଚାଲିବ ।ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ।ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

## ସୁବର୍ଣ୍ଣ ଜୟନ୍ତୀ ବିଶ୍ୱ ଶାନ୍ତି ମହଯାଜ୍ଞର ପ୍ରସ୍ତୁତି



ଗଣିଆ ( ମହାଭାରତ): ନୟାଗଡ ଜିଲ୍ଲା ଗଣିଆ ବ୍ଲକ ଅତର୍ଗତ ଇନ୍ଦିପଟା ଗ୍ରାମ ରେ ବାବା ବିଶ୍ୱନାଥ ମନ୍ଦିର ପରିସରରେ ବାର୍ଷିକ ଉତ୍ସବ ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ବିଶ୍ୱ ଶାନ୍ତି ମହଯଜ୍ଞ, ଯଥା ନାମ ଯଜ୍ଞ, ଘୃତଯଜ୍ଞ, ସାଧୁ ଯଜ୍ଞ ଓ ଅର୍ତ୍ତ ଯଜ୍ଞ ଆଦି ପାଳନ କରାଯିବା ପାଇଁ ପ୍ରସ୍ତୁତି ବୈଠକ କରାଯାଉଥିଲା । ବିଶ୍ୱଶାନ୍ତି ପାଇଁ ଇନ୍ଦିପଟା ଗ୍ରାମବାସୀ ପ୍ରତ୍ୟେକ ବର୍ଷ ବୈଶାଖ ମାସ କୃଷ୍ଣ ପକ୍ଷ ରେ ଏହି ଯଜ୍ଞ କରାଯାଇଥାଏ । ଏହି ଯଜ୍ଞ ସମ୍ପୂର୍ଣ୍ଣ ଚାରି ଦିନ ଧରି ହେବ। ଏଥିରେ ପ୍ରତ୍ୟେକ ଦିନ ରୁଦ୍ରାଭିସେଖ ଓ ସପ୍ତଶତୀଚଣ୍ଡୀ ପାଠ, ୭୨ ପ୍ରହର ନାମଯଜ୍ଞ କୁ ବିଭିନ୍ନ ଗ୍ରାମରୁ ସଙ୍କୀର୍ତ୍ତନ ଦଳ, ଯଜ୍ଞରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ସମାଗମ ଆଖି ଆଗରେ ରଖି ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ଆଦି କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏହି ଯଜ୍ଞରେ ରେ କର୍ତ୍ତା ପର୍ଶୁରାମ ପାଣିଗ୍ରାହୀଓ ପତ୍ନୀଶୈଳବାଳା ପାଣଗ୍ରାହୀ, ସକ୍ଷତମୌଜାର ଉପସ୍ଥିତ ସମସ୍ତ ସଭାପତି, ଆଞ୍ଚଳିକ ସାମ୍ୱାଦିକ ସଂଘ ତଥା ଗ୍ରାମ ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ, ଗ୍ରାମ ସଂପାଦକ ନିରଞ୍ଜନ ବାରିକ, କମିଟି ସଦସ୍ୟ ଶ୍ରୀନିବାସ ପାଣିଗ୍ରାହୀ, ପ୍ରହଲ୍ଲାଦ ପାଣିଗ୍ରାହୀ, ପାଣ୍ଡବ ରଣା, ମିଲୁ ପଣ୍ଡା , ମଣି ବରିକ, ପ୍ରତାପ ପାଣଗ୍ରାହୀ, ନାରାୟଣ ପାଣିଗ୍ରାହି ଓ ମନ୍ଦର ବେହେରକ୍ଷ ଙ୍କ ସହିତ ଗ୍ରାମବାସୀ ମାନେ ଉକ୍ତ ବୈଠକରେ ଉପସ୍ଥିତ ରହିଥିଲେ।

## ହେଲମେଟ ପିନ୍ଧାଳୀଙ୍କୁ ଗୋଲାପ ଫୁଲ ଅମାନିଆଙ୍କୁ ହାତଯୋଡ଼ି ସଚେତନା



କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ତରଫରୁ ଆଜି ଏକ ଅଭିନୟ ପ୍ରୟାସ ଦ୍ୱାରା ଗାଡ଼ି ଚଳାନକଙ୍କୁ ସଚେତନା କରାଯାଇଛି ।ଭୁବନେଶ୍ୱର ଇଷ୍ଟ ଇଣ୍ଡିଆ କଂଶରଟିୟମ୍ ( ଇ ଆଇ ସି) ଏବଂ ନାରାୟଣପାଟଣା ପୋଲିସ ଙ୍କ ମିଳିତ ପ୍ରତ୍ୟକ୍ଷ ତତ୍ବଧାନରେ ଏକ ସଚେତନା କାର୍ଯ୍ୟକର୍ମ ହୋଇଯାଇଛି ହେଲମେଟ ପିନ୍ଧି ଗାଡ଼ି ଚଳାଉଥିବା ଚାଳକକୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥିବା ବେଳେ ବିନା ହେଲମେଟ ପିନ୍ଧି ଅମାନିଆ ଗାଡ଼ି ଚାଳକକୁ ହାତଯୋଡି ଅନୁରୋଧ କରିଥିଲେ ।ଅପଙ୍କ ମୂଲ୍ୟବାନ ଜୀବନ କୁ ଦୁର୍ଘଟଣା ରୁ ବଞ୍ଚିବା ପାଇଁ ହେଲମେଟ ପିନ୍ଧିବା ଜରୁରୀ ବୋଲି ଜଣାଇଥିଲେ ଦୁର୍ଘଟଣା ସପ୍ତାହ ( ଜିରୋ ଫଟିଲିଟି ଉଇକ) ପାଳନ କରାଯାଇ ଚାଳକ ମାନଙ୍କ ଠାରୁ ବିଭିନ୍ନ ସମୟରେ ଜୋରିମାନା ଆଦାୟ କରାଯାଇ ଥିବା ସହ ନାରାୟଣପାଟଣା ପୋଲିସ ଙ୍କ ଦ୍ୱାରା ସଚେତନା କରାଯାଇଥିଲା କିନ୍ତୁ କୌଣସି ଫଳପ୍ରଦ ହୋଇନଥିବା ପରିଲିଖିତ ହେଉଥିଲା । ଆଜିର ଦୁଇ ଘଣ୍ଟା ସଚେତନା କର୍ଜ୍ୟକର୍ମ ରେ ପ୍ରତେକ ଗାଡ଼ି ଚାଳକକୁସବୁବେଳେ ଗାଡ଼ି ଚଳାଇବା ବେଳେ ହେଲମେଟ ପିନ୍ଧିବା ସହ ଚାରି ଚକିଆ ଗାଡ଼ି ଚାଳକ ଙ୍କୁ ସିଟ ବେଲ୍ଟ ବନ୍ଧିବାକୁ ବାର୍ତ୍ତା ଦେଇଛନ୍ତି,ଏହିକର୍ଯ୍ୟକର୍ମରେ ନାରାୟଣପାଟଣା ଥାନା ଅଧିକାରୀ ପ୍ରମୋଦ ଜେନା ଙ୍କ ସହ ।ଇଷ୍ଟ ଇଣ୍ଡିଆ କଂଶରଟିୟମ୍ ଟିମ୍ ଲିଡର ଚକ୍ରଧର ମହାରଣା ଙ୍କ ସହ କବି ଭଟ, ରାକେଶ ସାହୁ , ଯୁଞ୍ଜୟ ମୁଦୁଲି,ଗଦାଧର ମହାରଣା, ଙ୍କ ସହ ଥାନା କର୍ମଚାରୀ କନେଷ୍ଟ ବଲ ଶୁକଦେବ ସୀସା, ଗୌରୀ ଶଙ୍କର ସାମଲ ରାମାଖିଲ ଉପସ୍ଥିତ ଥିଲେ। ଏହାଶହ ଆସନ୍ତା ସପ୍ତାହ ଠାରୁ ଅମାନିଆ ଗାଡ଼ି ଚାଳକ, ବିନା ହେଲମେଟ□ ରେ ଚଳାଉଥିବା ଓ କମ ବୟସ ଯୁବ ଦ୍ରୁତ ଗତିରେ ଗାଡ଼ି ଚଉଥିବା ଙ୍କୁ କଠୋର ଦଣ୍ଡବିଧାନ କର ଯିବ ବୋଲି ଆଇଆଇସି ଜେନା କହିଛନ୍ତି ।

## କାଳ ବୈଶାଖୀ ଯୋଗୁଁ ବିଦ୍ୟୁତସରବରାହ ବିଚ୍ଛିନ୍ନ

ଗଣିଆ (ମହାଭାରତ): ରବିବାର ଦିନ ଅପରାହ୍ନ ୪ଟା ବେଳକୁ ଆରମ୍ଭ ହେଲା ବର୍ଷା ସହିତ ପବନ ର କରାଳ ରୂପ। ଯାହା ଫଳରେ ଗଣିଆ ବ୍ଲକ୍ ଅନ୍ତର୍ଗତ ଆଡକଟା ଗ୍ରାମର ଅନେକ ବଡ ବଡ ଆମ୍ବ ଗଛ, ସହିତ ବିଦ୍ୟୁତ ଖୁଣ୍ଟି, ବାସଗୃହ ଭାଙ୍ଗି ରୁଜି ବିପଦ ସଙ୍କୁଳ ଅବସ୍ଥା ରେ ପରିଣତ ହୋଇଛି । ବହୁ ପୁରାତନ ଗଛ ଭାଙ୍ଗିବା ସହିତ କେତେକ ପ୍ରାକୃତିକ ଜଂଗଲ ମଧ୍ୟ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ବିଶେଷ ଭାବରେ ରାସ୍ତା ଉପରେ ବହୁ ଯାନବାହାନ କରୁଥିବା ବେଳେ ଏହାର ପ୍ରଭାବରେ କିଛି ସମୟ ପାଇଁ ବାଧକ ହୋଇ ଥିଲା ଯାତାୟତ। ଖବର ପାଇ ଗଣିଆ ଅଗ୍ନିଶମ ବିଭାଗ ଅବରୋଧ ରାସ୍ତା ରୁ ଭଗ୍ନ ଗଛ ହଟାଇବା ପରେ ଗାଡି ମୋଟର ଯାତାୟାତ କରିଥିଲା। କାଳବୈଶାଖି ପ୍ରଭାବରେ ବିଦ୍ୟୁତ ଖମ୍ବ ଭାଂଗିଯିବା ଯୋଗୁଁ ବିଦ୍ୟୁତ ସେବା ସ୍ୱାଭାବିକ୍ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । କାଳ ବୈଶାଖୀ ଯୋଗୁଁ ଆକାଶରେ ଘରର ଚାଳ ଉଡିବା ଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ମାତ୍ର କିଛି ସମୟ ର ଏହି ବିକଟାଳ କରାଳ ରୂପ ଯୋଗୁଁ ବହୁ କ୍ଷୟ କ୍ଷତି ହୋଇଛି।

# ୬୧ ଚାଷୀଙ୍କୁ ମିଳିଛି ଦୁଇ ଥର ଧାନ ବିକ୍ରି ଟଙ୍କା

## ବ୍ୟାଙ୍କ୍ ଆକାଉଣ୍ଟକୁ ଅଚଳ କରିବା ପାଇଁ ଏଆରସିଏସଙ୍କ ଚିଠି



ନୟାଗଡ଼, ( ମହାଭାରତ ) : ଶେଷ ହୋଇଛି ୨୦୨୪- ୨୫ ଖରିଫ ବିପଣନ ଋତୁ ନିମନ୍ତେ ଚାଲିଥିବା ଧାନ କିଣା। ଚାଷୀଙ୍କ ବ୍ୟାଙ୍କ୍ ଆକାଉ□କୁ ଟଙ୍କା ମଧ ଆସିସାରିଛ। ମାତ୍ର ଜିଲ୍ଲାର ବିଭିନ୍ନ ବ୍ଲକ୍ରେ କିଛି ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଦୁଇ ଥର ଲେଖାଏଁ ଧାନ ବିକ୍ରି ଟଙ୍କା ଆସିଛି। ଏହା ନଜରକୁ ଆସିବା ପରେ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋ-ଅପରେଟିଭ୍ ସୋସାଇଟି (ଏଆର୍ସିଏସ୍) ସମ୍ପୃକ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଦୁଇ ଥର ଟଙ୍କା ଆସିଥିବା ଆକାଉଣ୍ଟକୁ ଅଚଳ କରିବା ପାଇଁ ଚିଠି ଲେଖିଛନ୍ତି। ଏ ନେଇ ପ୍ରକ୍ରିୟା ମଧ ଆରମ୍ଭ ହୋଇଯାଇଥିବା ଜଣାପଡ଼ିଛି। ମଣ୍ଡିରେ ଧାନ ବିକ୍ରି କରିଥିବା ଚାଷୀମାନେ ଯେପରି ଶୀଘ୍ର ଟଙ୍କା ପାଇବେ, ସେ ନେଇ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଫଳରେ ସମବାୟ ସମିତି ଗୁଡ଼ିକ ଚାଷୀ ମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ରାଜ୍ୟ ସମବାୟ ବ୍ୟାଙ୍କ୍ (ଓଏସ୍ସିବି) କୁ ଦିଆଯାଇଥିଲା ଓଏସ୍ସିବିରୁ ଚାଷୀ ମାନଙ୍କ ବ୍ୟାଙ୍କ୍ ଆକାଉ□କୁ ଟଙ୍କା ପଠାଇ ଦିଆଯାଇଥିଲା। ମାତ୍ର ୬୧ ଜଣ ଚାଷୀ ଦୁଇ ଥର ଲେଖାଏଁ ଧାନ ବିକ୍ରି ଟଙ୍କା ପାଇଥିବା ଜଣାପଡ଼ିଥିଲା। ଫଳରେ ଓଏସ୍ସିବି ତୁରନ୍ତ ଏଆର୍ସିଏସ୍ ପ୍ରାର୍ଥନା ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେବଳ ସେତିକି ନୁହେଁ, ଦୁଇ ଥର ଟଙ୍କା ଆସିବା ପରେ କିଛି ଚାଷୀ ଭୟଭୀତ ହୋଇ ଏଆର୍ସିଏସ୍ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଫଳରେ ଗତ ୧୫ ତାରିଖରେ ତୁରନ୍ତ ଶ୍ରୀମତି ମହାପାତ୍ର ବ୍ୟାଙ୍କ୍ ଅଫ୍ ବରୋଦା, ଆକ୍ସିସ୍ ବ୍ୟାଙ୍କ, ୟୁନିଅନ ବ୍ୟାଙ୍କ୍, ଆଇଡିବିଆଇ ବ୍ୟାଙ୍କ୍, ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଓ କାନାରା ବ୍ୟାଙ୍କ ମ୍ୟାନେଜରଙ୍କୁ ଚିଠି ଲେଖି ତୁରନ୍ତ ଏହି ବ୍ୟାଙ୍କ୍ ଆକାଉଣ୍ଟ ଗୁଡ଼ିକୁ ଅଚଳ କରିବା ପାଇଁ ନିବେଦନ କରିଛନ୍ତି। ଜିଲ୍ଲାର ବିଜିପୁର ସମେତ ପୁରୁଷୋତମପ୍ରସାଦ, ବନମାଳିପୁର, ବାଉଁଶିଆପଡ଼ା, ଚମ୍ପତ୍ତାପୁର, ଇଟାମାଟି, ଆନନ୍ଦପଲ୍ଲୀ, ଶିଖରପୁର, ଜେମାଦେଇପୁର, ବଡ଼ପଣ୍ଡୁସର, ବାଲୁଗାଁ, ନୟାଗଡ଼, ଗୋଡ଼ିପଡ଼ା, ଓଡ଼ଗାଁ ସେବା ସମବାୟ ସମିତି ଅଧୀନରେ ଏମିତି ସମସ୍ୟା ଥିବା ଦେଖା ଦେଇଛି। ସେଥିମଧ୍ୟରୁ ବାଉଁଶିଆପଡ଼ା ସମିତି ଅଧୀନରେ ସର୍ବାଧିକ ୨୩ ଜଣ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଦୁଇ ଥର ଟଙ୍କା ଆସିଥିବା ଜଣାପଡ଼ିଛି। ଏ ନେଇ ଏଆର୍ସିଏସ୍ ଶ୍ରୀମତି ମହାପାତ୍ର କୁହନ୍ତି ଯେ, ବିଭାଗ ପକ୍ଷରୁ ଚାଷୀ ମାନଙ୍କର ସମସ୍ତ ତଥ୍ୟ ଠିକ୍ ଭାବେ ଦିଆଯାଇଥିଲା। ମାତ୍ର ଓଏସ୍ସିବିରୁ ଟଙ୍କା ଜମା କରାଯିବା ସମୟରେ ଭୁଲ୍ରେ ୬୧ ଜଣ ଚାଷୀଙ୍କ ବ୍ୟାଙ୍କ୍ ଆକାଉ□ରେ ଏମିତି ସମସ୍ୟା ହୋଇଛି। ଚାଷୀ ମାନେ ଏହାକୁ ଉଠାଇ ଖର୍ଚ୍ଚ କରିଦେଲେ ପୁଣି ସେମାନଙ୍କଠାରୁ ଆଦାୟ କରିବାରେ ସମସ୍ୟା ସୃଷ୍ଟି ହେବା ଏଣୁ ଚିହ୍ନଟ କରାଯାଇଥିବା ବ୍ୟାଙ୍କ୍ ଆକାଉଣ୍ଟକୁ ପ୍ରଥମେ ଅଚଳ କରାଯାଇ ସେଥିରୁ ଟଙ୍କା କାଢ଼ି ନିଆଯିବ। ଯେହେତୁ ଚାଷୀମାନେ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି, ସେଥିପାଇଁ କୌଣସି ସମସ୍ୟା ହେବ ନାହିଁ। ପ୍ରକାଶ ଥାଉ କି, ଚଳିତ ବର୍ଷ ଚାଷୀ ମାନଙ୍କ ଠାରୁ ୧୭,୩୦, ୩୩୫ କ୍ୱିଣ୍ଟାଲ୍ ଧାନ କିଣିବା ପାଇଁ ଟାର୍ଗେଟ୍ ନିଆଯାଇଥିବା ବେଳେ ୧୬,୯୩,୧୨୫ କ୍ୱିଣ୍ଟାଲ୍ ଧାନକିଣା ଯାଇଛି। ଚୁକ୍ତି ଅନୁଯାୟୀ, ଜିଲ୍ଲାର ୧୫ ଜଣ ମିଲର୍ ଧାନକିଣାରେ ସାମିଲ୍ ହୋଇଥିଲେ। ଏହା ସହ ୫୧,୬୮୨ ଜଣ ଚାଷୀ ମଣ୍ଡିକୁ ଆସି ଧାନ ବିକ୍ରି କରିଛନ୍ତି। ପଞ୍ଜୀକରଣ କରିଥିବା ଚାଷୀ ମାନଙ୍କ ମଧ୍ୟରୁ ୨,୧୮୨ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିନାହାନ୍ତି।

## ଉତ୍କଳ ଜ୍ୟୋତି ସମ୍ମାନ ପାଇଲେ ଶିକ୍ଷକ ଖଗେଶ୍ୱର ଦାଶ



ଦାନଗଦି :(ମହାଭାରତ)କଳିଙ୍ଗ ନଗର(ବିପ୍ର)ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା ,ଜୟ ଦେ ସଂସ୍କୃତି ପରିଷଦ ଓ ବିଶ୍ଦେ ସମାଜ ମିଳିତ ଅନୁକୂଲ୍ୟ ୨୫ତମ ରାଜ୍ୟ ସ୍ତରୀୟ ସ୍ମାର୍ଟ ସମ୍ବର୍ଦ୍ଧନା, ପ୍ରତିଭା ପୂଜା ଓ ପ୍ରତିଭା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ମହାସମାରୋହରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ରାଜ ମନ୍ତ୍ରୀ ରବି ନାୟକ ଓ ସମ୍ମାନୀୟ ଅତିଥି ଭାବେ କଟକ ବିଧାୟକ ପ୍ରକାଶ ସେଠୀ ଯୋଗଦେଇଥିଲେ ।ସଂସ୍କୃତି ପ୍ରାଣ କେନ୍ଦ୍ର କଟକସ୍ଥିତ କଳା ବିକାଶ କେନ୍ଦ୍ରଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ରବିବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି ।ଏହି ସମାରୋହରେ ଓଡ଼ିଶାର ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ପୂର୍ବକ ରାଜ୍ୟ ସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଥାଏ ।ଏହି କ୍ରମରେ ଆଦର୍ଶ ଶିକ୍ଷକ ,ଏକ ନିଷ୍ଠ ସାଧନା, କର୍ତ୍ତବ୍ୟ ପରାୟଣତା,କର୍ମଭିମୁଖୀ କାର୍ଯ୍ୟଶୈଳି ପାଇଁ ଯାଜପୁର ଜିଲ୍ଲା ଦାନଗଦି ବ୍ଲକର ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଶ୍ରୀ ଖଗେଶ୍ୱର ଦାଶ ଙ୍କୁ ଉତ୍କଳ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଅଛି ।ଏହି ସମାରୋହରେ ବିଜେପିର ବରିଷ୍ଠ ନେତା ଗୋଲଖ ମହାପାତ୍ର ,ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ,ଶ୍ରୀତମ ଦାସ, ପ୍ରସନ୍ତ ପାଟ୍ଟଶାଣୀ ଓ ପ୍ରମୁଖ ଓ ସମସ୍ତ ଅଞ୍ଚଳରୁ ଆସିଥିବା ପ୍ରତିଭା ଉପସ୍ଥିତ ଥିଲା।

## ଆସିକାର ବିଭିନ୍ନ ଲଜ୍‌ରେ ପୋଲିସ ପକ୍ଷରୁ ଚଢ଼ାଉ



ଆସିକା(ମହାଭାରତ)ଦୀର୍ଘ ଦିନ ହେଲା ଆସିକାର ବିଭିନ୍ନ ଲର୍ଜରେ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ହେଉଥିବାର ଅଭିଯୋଗ ପରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନିର୍ଦ୍ଦେଶ ରେ ଆସିକା ଥାନା ଅଧିକାରୀ କୁଳମଣି ସେଠିଙ୍କ ନେତୃତ୍ୱରେ ଏକ ଟିମ ଆସିକାର ବିଭିନ୍ନ ଲର୍ଜ ଉପରେ ଅତର୍କିତ ଚଢ଼ାଉ କରିଛି । ଏହି ଚଢ଼ାଉ ରେ ଲର୍ଜ ଗୁଡିକର ରେଜିଷ୍ଟର ତନଖି କରାଯାଇଥିଲା ଏବଂ କୌଣସି ନାବାଳକ ଓ ନାବାଳିକାଙ୍କୁ ଲର୍ଜରେ ରଖିବେ ନାହିଁ, ସମସ୍ତ ଗ୍ରାହକଙ୍କ ସମ୍ପୂର୍ଣ୍ଣ ପରିଚୟ ବିବରଣୀ ଜାଣିଲା ପରେ ରୁମ ଦେବେ କିଛି ସନ୍ଦେହ ହେଲେ ଥାନା କୁ ଅବଗତ କରାଇବେ, ବିନା ପ୍ରମାଣ ପତ୍ରରେ କାହାକୁ ମଧ୍ୟ ରହିବାକୁ ଦେବେନାହିଁ,ପ୍ରତେକ ଦିନ ସମାନଙ୍କ ରେଜିଷ୍ଟର ର ନକଲ ଥାନାରେ ଦାଖଲ କରିବା ଉପରେ କୁହାଯାଇଥିଲା ।ଏହି ଚଢ଼ାଉରେ ଆସିକା ଥାନା ଏସ ଆଇ ଅମ୍ବିକା ବେଣିଆ, ଏଏସଆଇ ବସନ୍ତ ବେହେରା, ପୁରୁଷୋ□ମ ମାଝୀ ପ୍ରମୁଖ ସାମିଲ ଥିଲେ। ଆସିକା ପୋଲିସର ଏହିପରି କାର୍ଯ୍ୟକୁ ଆସିକା ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

## ପାଣି ପାଇଁ ଛଟପଟ ଖଣ୍ଡଦେଉଳି ପଞ୍ଚାୟତ କେ. ଭରତପଲ୍ଲୀ ଗ୍ରାମବାସୀ



ଆସିକା(ମହାଭାରତ): ଆସିକା ବ୍ଲକ ଖଣ୍ଡଦେଉଳି ପଞ୍ଚାୟତ ଅଧୀନ କେ. ଭରତପଲ୍ଲୀ ଗ୍ରାମରେ ଦୀର୍ଘ ବର୍ଷ ଧରି ଲାଗିରହିଛି ପାଣି ସମସ୍ୟା। ଗ୍ରାମରେ ୨୫୦ ଲୋକଙ୍କୁ ଗୋଟିଏ ଅଚଳ ନଳକୂପ। ସ୍ୱାଧୀନତାର ୭୭ ବର୍ଷ ପରେବି ଉକ୍ତ ଗ୍ରାମରେ ଜନସାଧାରଣ ସର୍ବନିମ୍ନ ସୁବିଧାରୁ ପାଇବାରୁ ବଞ୍ଚିତ। ଗ୍ରାମର ଜନସଧାରଣ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି । ଅଞ୍ଚଳରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ଓ ନଦୀ ଓ ପୋଖରୀ ଗୁଡିକ ଦିନକୁ ଦିନ ଶୁଖିବା ସହ କୂଅ ଗୁଡିକର ଜଳସ୍ତର ହ୍ରାସ ପାଇବାରେ ଲାଗିଛି ।ଏତିକି ବେଳେ ପାନୀୟ ଜଳ ଯନ୍ତ୍ରଣରେ ସମ୍ପୂର୍ଣ୍ଣ ଗ୍ରାମବାସୀ ଛଟପଟ ହେଉଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସକାଶେ କୌଣସି ବନ୍ଦୋବସ୍ତ ଆଜି ଯାଏଁ ହୋଇପାରିନି। ଗ୍ରାମରେ ଗୋଟିଏ ନଳକୂପ ରହିଛି ଯାହା କି ଆବଶ୍ୟକତା ଅନୁଯାୟୀ ଗ୍ରାମବାସୀଙ୍କ ସେବାରେ ଆସିପାରୁନଥିବା ଅଭିଯୋଗ ହେଉଛି ।ଷ୍ଟାଣ୍ଡପୋଷ୍ଟ ଗୁଡିକରେ ଆବଶ୍ୟକତା ଅନୁଯାୟୀ ପଣି ଆସୁନଥିବା ବେଳେ ଗ୍ରାମବାସୀ କେବଳ ସେହି ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି ।ନିକଟରେ କୌଣସି କୂଅ କି ପୋଖରୀ ମଧ୍ୟ ନାହିଁ। ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବଢି ଚାଲିଛି । ଏଭଳି ସ୍ଥିତିରେ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଗ୍ରାମର ମହିଳାମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଲେ ମଧ ଗ୍ରାମରେ ଥିବା ନଳକୂପଟି ସମସ୍ତ ଗ୍ରାମବାସୀଙ୍କୁ ଜଳ ଯୋଗାଣ କରିପାରୁନାହିଁ। ଖରା ଯୋଗୁଁ ଭୂତଳ ଜଳସ୍ତର ଉଦ୍ବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ସମ୍ପୃକ୍ତ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗଣ ନେଇ ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ପାକଲାପଲ୍ଲୀ ଗ୍ରାମରେ ରାମନବମୀ ଯାତ୍ରା ଅନୁଷ୍ଠିତ

ଆସିକା,(ମହାଭାରତ): ଆସିକା ଏନଏସି ଅଧୀନସ୍ଥ ୧୮ ନମ୍ବର ୱାର୍ଡ ର ପାକଲାପଲ୍ଲୀରେ ପବିତ୍ର ଶ୍ରୀ ରାମନବମୀ ଯାତ୍ରା ଉତ୍ସବ ଅବସରରେ ରଘୁନାଥ ସ୍ୱାମୀ ମହାପ୍ରଭୁଙ୍କ ନଗର ପରିକ୍ରମା ଉତ୍ସବ ଶହ ଶହ ଭକ୍ତଙ୍କ ଉପସ୍ଥିତିରେ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ରଘୁନାଥ ସ୍ୱାମୀ ମହାପ୍ରଭୂ ଙ୍କ ରାମନବମୀ ଯାତ୍ରା ଅବସରରେ ଠାକୁର ମାନଙ୍କୁ ପାଲିଙ୍କି ରେ ଅଧିଷ୍ଠିତ କରାଯାଇ ବିଭିନ୍ନ ପ୍ରକାରର ବାଦ୍ୟବାଜଣାରେ ବିଶାଳ ଶୋଭାଯାତ୍ରା ମନ୍ଦିର ନିକଟରୁ ବାହାରି ପାକଲାପଲ୍ଲୀ, ତାଲୁକା ରୋଡ, ବଜାର ସାହି, ହାଟପଦା, ଖମ୍ବେଶ୍ୱରୀପାଟଣା, ବିନାୟକ ବଜାର, କଳିଙ୍ଗ ରୋଡ ପରିକ୍ରମା କରାଯିବା ପରେ ଶନିବାର ଗ୍ରାମର ମଣ୍ଡପରେ ବିଜେ କରାଯାଇଥିଲା।

## କାଳବୈଶାଖୀ ପ୍ରଭାବରେ ଅଞ୍ଚଳ ଛାରଖାର: ଉପଜିଲ୍ଲାପାଳଙ୍କୁ ଭେଟିଲେ କ୍ଷ୍ୟତିଗ୍ରସ୍ତ ଅଞ୍ଚଳ ବାସୀ



ପାଟଣାଗଡ଼ ( ମହାଭାରତ ) ପାଟଣାଗଡ଼ ବ୍ଲକର କେତେକ ଅଞ୍ଚଳରେ ଗତ ୧୮ ତାରିଖ ସନ୍ଧ୍ୟାରେ କାଳ ବୈଶାଖୀ ତାଣ୍ଡବ ରଚିଛି ପାଟଣାଗଡ଼ ବ୍ଲକର ଯୋଗିମୁଣ୍ଡା, ବାଲିପଟା, ସାଲେପାଲି, କେନ୍ଦୁମୁଣ୍ଡି, ବଥର୍ଲା, ମୁଣ୍ଡୋମହୁଲ, ଗଙ୍ଗାସାଗର ପଞ୍ଚାୟତ ର ଅନେକ ଗ୍ରାମରେ ଘର ଦ୍ୱାର, ଆଜବେଜଷ୍ଟସ, ଖପର, ଆସବାସ ପତ୍ର ଭାଙ୍ଗି ଉଡ଼େଇ ଛିନ୍ନଛତ୍ର କରି ଦେଇଛି ପବନର ବେଗ ଏତେ ପରିମାଣ ଥିଲା ଯେ ବଡ଼ ବଡ଼ ଗଛ ସବୁ ଧରାସାୟୀ କରି ଦେଇଛି, ଶହ ଶହ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଦେଇଛି । ଗଛ ପଡିବା ଦ୍ୱାରା ରାସ୍ତା ଘାଟ ଯାତାୟାତ ସମ୍ପୂର୍ଣନ ଠପ ହୋଇ ଯାଇଛି, ବିଦ୍ୟୁତ ସଂଯୋଗ ମଧ ଠପ ହୋଇ ଗାଁ ମାନେ ଅନ୍ଧାର ହୋଇ ଯାଇଛି । ଗାଁର ଆମ୍ବ ବଗିଚାରେ ଶହ ଶହ ସଂଖ୍ୟାରେ ଆମ୍ବ ଗଛ ଭାଙ୍ଗି ଦେଇଛି। କଦଳୀ ଗଛ ଭାଙ୍ଗି ଦେଇଛି, ମହୁଲ, ଚାର ଭଳି ଅର୍ଥକାରି ଗଛ ଭାଙ୍ଗି ଦେଇଛି । ଏହାରି ପ୍ରଭାବରେ କେନ୍ଦୁମୁଣ୍ଡିର ଜଣେ ଶ୍ରମିକର କାନ୍ଥ ଚେପେଇ ମୃତ୍ୟୁ ଘଟିଛି ସାଲେପାଲି ପଞ୍ଚାୟତ ର ଚକମାଲ ଗାଁରେ ଏହାର ପ୍ରଭାବ ଅଧିକ ରହିଛି, ଦଶ ଗୋଟି ପରିବାରକୁ ବେଘର କରି ଦେଇଛି ସେମାନେ ବର୍ତ୍ତମାନ ଗାଁର କ୍ଲବ ଘରେ ଆଶ୍ରୟ ନେଇଛନ୍ତି ଅନେକ ଲୋକଙ୍କର ଘର ଦ୍ୱାର, ଆସବାବ ପତ୍ର ଭାଙ୍ଗି ଦେଇ ଦେଇଛି । ଗତକାଲି ଯୁବ ସମାଜ ସେବୀ ଗିରିରାଜ ଭୋଇ ଅଞ୍ଚଳର ଅନେକ ଗାଁ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ଏହି ବିଷୟରେ ସ୍ଥାନୀୟ ଉପଜିଲ୍ଲାପାଳ, ତହସିଲଦାର, ବିଡ଼ିଓଙ୍କୁ ଅବଗତ କରିଛନ୍ତି କେବଳ ବଥର୍ଲା ରାଜସ୍ୱ ନିରୀକ୍ଷକ ଚକାମାଲ ଗାଁକୁ ଯାଇ ଘର ଘର ବୁଲି କ୍ଷୟକ୍ଷ୍ୟତି ଆକଳନ କରିଛନ୍ତି ଦୁଃଖର ବିଷୟ କାଳ ବୈଶାଖୀର ୪୮ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା କ୍ଷ୍ୟତିଗ୍ରସ୍ତ ଅଞ୍ଚଳକୁ କୌଣସି ପ୍ରଶାସନିକ ଅଧିକାରୀ ତଦନ୍ତ କରି ଯାଇ ନାହାନ୍ତି ଆଜି ରବିବାର ଛୁଟି ଦିନ ଥିଲେ ସୁଦ୍ଧା ଗିରିରାଜ ଭୋଇଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ଲୋକଙ୍କୁ ନେଇ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ବାସ ଭବନରେ କାଳ ବୈଶାଖୀ ବିଷୟରେ ଅବଗତ କରିଥିଲେ ଓ ଉପଯୁକ୍ତ ତଦନ୍ତ କରି ଉଚିତ କ୍ଷତି ପୂରଣ ଦେବାକୁ ଦାବୀ କରିଥିଲେ ଉପ ଜିଲ୍ଲାପାଳ ତହସିଲଦାର, ବିଡ଼ିଓ ଙ୍କୁ ଫୋନ ମାଧ୍ୟମରେ ନିର୍ଦ୍ଦେଶ ଦେଲେ ରାଜସ୍ୱ ନିରୀକ୍ଷକ ମାନେ କ୍ଷତିଗ୍ରସ୍ତ ଗାଁ ଗାଁ ବୁଲି କ୍ଷୟକ୍ଷତି ଆକଳନ କରି ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ କହିଥିଲେ ଅତି ପ୍ରଭାବିତ ୧୦ ପରିବାର ଙ୍କ ରନ୍ଧା ଖାଦ୍ୟ ଦେଇ ଅସ୍ଥାୟୀ ଥଇଥାନ କେନ୍ଦ୍ରରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ଏଠାରେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି ଯେ ପୂର୍ବା□ଳରେ ଏଭଳି ଘଟଣା ଘଟିଲେ ତୁରନ୍ତ ପ୍ରଶାସନ ରିଲିଫ ସାମଗ୍ରୀ ନେଇ ସରକାରୀ ସହାୟତା ପ୍ରଦାନ କରିଥାଏ। କିନ୍ତୁ ପଶ୍ଚିମ ଓଡ଼ିଶାରେ ଏଭଳି ଯେତେ ଘଟଣା ଘଟିଲେ ମଧ୍ୟ ପ୍ରଶାସନ ନିଦା ବିଷ୍ଣୁ ସାଜେ, ଏଠିକାର ଜନସାଧାରଣଙ୍କୁ ଘୃଣ୍ୟ ଦୃଷ୍ଟିରେ ଦେଖେ ଦେଖାଯାଉ କ୍ଷ୍ୟତିଗ୍ରସ୍ତ ଅଞ୍ଚଳକୁ ପାଟଣାଗଡ଼ ପ୍ରଶାସନ କେବେ ଦେଖି ଯାଉଛି ନା ଚୁପ ପଡି ଦେଉଛି ଦେଖିବାକୁ ବାକି ରହିଲା ।

## ଏକକ ନିର୍ବାଚନକୁ ନେଇ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ



ନୂଆଦିଲ୍ଲୀ : ଏକକ ନିର୍ବାଚନକୁ ନେଇ ଭାରତୀୟ ଜନତା ପାର୍ଟି ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ଯାଉଛି । ଏହି ବୈଠକ ଦିଲ୍ଲୀ ବିଜେପି କାର୍ଯ୍ୟାଳୟରେ ଅପରାହ୍ଣ ୩.୩୦ରେ ହେବାକୁ ଥିବା ସୂଚନା । ଏହି ବୈଠକର ଅଧ୍ୟକ୍ଷତା କରିବେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଦିଲ୍ଲୀ ବିଜେପି ପ୍ରଦେଶ ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବା ମଧ୍ୟ ଉପସ୍ଥିତ ରହିବେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବୈଠକରେ ସୁନୀଲ ବଂଶଲ ଦିଲ୍ଲୀର ବିଧାୟକମାନଙ୍କ ସହିତ ଏକକ ନିର୍ବାଚନକୁ ନେଇ ଆଲୋଚନା କରିବେ। କାରଣ ସୁନୀଲ ବଂଶଲ ଏହି ହାଇ ଲେଵଲ୍ କମିଟିର ଅଂଶ ଯାହାକି ଏକକ ନିର୍ବାଚନ ଉପରେ ଜନମତ ପାଇଁ ଗଠନ କରାଯାଇଛି। ସୂଚନା ଅନୁସାରେ ଏହା ପୂର୍ବରୁ ବିଭିନ୍ନ ରାଜ୍ୟରେ ହୋଇଥିବା ଏଭଳି ବୈଠକରେ ଉପସ୍ଥିତ ମଧ୍ୟ ରହିଥିଲେ ସୁନୀଲ । ଏହି ବୈଠକ ଆଗାମୀ ନିର୍ବାଚନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ଯେଉଁଥିରେ ଏକକ ନିର୍ବାଚନ ନୀତିକୁ ନେଇ ଦଳର ରୂପରେଖ ଏବଂ ପ୍ରଚାର ରଣନୀତି ଉପରେ ମଧ୍ୟ ଆଲୋଚନା ହେବ । ଏକକ ନିର୍ବାଚନ ଅର୍ଥ ହେଉଛି ଦେଶରେ ଏକାସଙ୍ଗେ ଲୋକସଭା ଓ ବିଧାନସଭାଗୁଡ଼ିକର ନିର୍ବାଚନ ହେବ । ଗତ ବର୍ଷ ଡିସେମ୍ବର ୧୨ ତାରିଖରେ ଏହି ବିଲକୁ ମୋଦି କ୍ୟାବିନେଟରେ ଅନୁମୋଦନ ମିଳିଥିଲା ।

## ଘରୋଇ ଏୟାରଲାଇନ୍ସ ଉପରେ ଜମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀଙ୍କ ଅସନ୍ତୋଷ ପ୍ରକାଶ

ନୂଆଦିଲ୍ଲୀ : ପାଗ ଭଲ ନଥିବାରୁ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ନେଇ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନକୁ ଶନିବାର ରାତିରେ ଜୟପୁର ଅଭିମୁଖେ ପଠାଯାଇଥିଲା । ଏହା ପରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ବିମାନବନ୍ଦରରେ 'ପରିଚାଳନା ଗତ ଭୁଲ ପରିଚାଳନା' କୁ କଡ଼ା ସମାଲୋଚନା କରିଥିଲେ । ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ବିଳମ୍ବିତ ରାତିରେ ଲେଖାଯାଇଥିବା ଏକ ପୋଷ୍ଟରେ ଅବଦୁଲ୍ଲା (ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା) ଏହି ଘଟଣାରେ ନିରାଶା ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି ଯେ ଦିଲ୍ଲୀ ବିମାନବନ୍ଦର ବହୁତ ଅପରିଷ୍କାର । ଜମ୍ମୁ ଛାଡିବା ପରେ ୩ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହିବା ପରେ ଆମକୁ ଜୟପୁରକୁ ପଠାଯାଇଥିଲା ତେଣୁ ମୁଁ ରାତି ୧ଟାରେ ବିମାନର ସିଡ଼ିରେ ସେମିତି ଛିଡା ହୋଇ ରହିଥିଲି । ଆମେ ଏଠାରୁ କେତେବେଳେ ଯିବୁ ମୁଁ ଜାଣିନାହିଁ । ବିମାନରୁ ଓହ୍ଲାଇ ତାଜା ପବନ ପାଇଁ ଅବଦୁଲ୍ଲା ବିମାନର ସିଡ଼ିରେ ଠିଆ ହୋଇ ଏକ ସେଲ୍ଫି ମଧ୍ୟ ସେୟାର କରିଛନ୍ତି । ଅବଦୁଲ୍ଲାଙ୍କ ସମେତ ବିମାନରେ ଥିବା ଯାତ୍ରୀମାନେ ମଧ୍ୟରାତ୍ରି ପରେ ଜୟପୁରରେ ବିମାନରେ ଫସି ରହିଥିଲେ । ଏହି ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଇଣ୍ଡିଗୋ କୌଣସି ସରକାରୀ ବିବୃତ୍ତି ଜାରି କରିନାହିଁ

# ବାଂଲାଦେଶ ଯୋଗୁଁ ଭାରତରେ ଆସିବ ବନ୍ୟା !

ନୂଆଦିଲ୍ଲୀ : ଦକ୍ଷିଣ ତ୍ରିପୁରାର ମୁହୁରି ନଦୀ ନିକଟରେ ବାଂଲାଦେଶ ଏକ ବନ୍ଧ ନିର୍ମାଣ କରୁଥିବା ରିପୋର୍ଟ ଆସିଛି । ଫଳରେ ଆଖପାଖ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଭାରତ ଏବଂ ବାଂଲାଦେଶ ମଧ୍ୟରେ ବଢୁଥିବା ତିକ୍ତତା ମଧ୍ୟରେ ଏଭଳି ରିପୋର୍ଟ ଏବେ ଚିନ୍ତାଜନକ ହେଲାଣି । ଗତ ଶନିବାର ବେଲୋନିଆର ସିପିଏମ୍ ବିଧାୟକ ଦୀପଙ୍କର ସେନ୍ ଏହି ପ୍ରସଙ୍ଗରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି । ମିଡିଆ ରିପୋର୍ଟ ଅନୁଯାୟୀ ଦକ୍ଷିଣ ତ୍ରିପୁରାରେ ନିର୍ମାଣ ହେଉଥିବା ୧.୫ କିଲୋମିଟର ଲମ୍ବା ଏବଂ ୨୦ ଫୁଟ ଉଚ୍ଚର ବନ୍ଧ ନିର୍ମାଣ କରାଯାଉଛି । ଦୀପଙ୍କର ସେନ୍ କହିଛନ୍ତି, 'ଇନ୍ଦିରା-ମୁଜିବ ଚୁକ୍ତିନାମା



ଅନୁଯାୟୀ, ଦୁଇ ଦେଶର ଜିରୋ ଲାଇନ୍ ?ରେ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ । ପୂର୍ବରୁ ଏହି ଚୁକ୍ତି ଅନୁଯାୟୀ ଦକ୍ଷିଣ ତ୍ରିପୁରାରେ ଅନେକ ଜଳ ଉତ୍ତୋଳନ ପ୍ରକଳ୍ପ ବନ୍ଦ କରାଯାଇଥିଲା । ବାଂଲାଦେଶର ଏଥିପାଇଁ ଆପତ୍ତି ଉଠାଇଥିଲା ।' ଏବେ ଏହାକୁ ନେଇ ସ୍ଥାନୀୟ ପୁଲିସ ଘଟଣାକ୍ରମର ଯାଞ୍ଚ କରୁଛି । ଏହି ମୁଦ୍ଦା ଏବେ ବିଧାନସଭାରେ ବି ଉଠିଥିଲା । ବେଲୋନିଆରେ ଥିବା ମୁହୁରୀ ନଦୀର ଉତ୍ତରାଞ୍ଚଳରେ ରହିଛି ନେତାଜି ସୁଭାଷ ଚନ୍ଦ୍ର ନଗର ଓ ଈଶାନ ଚନ୍ଦ୍ର ନଗର ଗ୍ରାମ । ବନ୍ୟା ଆଶଙ୍କା ଥିବାରୁ ଏଠାରେ ରହୁଥିବା ୫୦୦ରୁ ଅଧିକ ପରିବାରର ଚିନ୍ତା ବଢ଼ିଛି । ଚଳିତ ବର୍ଷ ଜାନୁଆରୀ ମାସରେ ବି ଉନାକୋଟି ଜିଲ୍ଲାର କୈଳାସହରରେ ଏଭଳି ହିଁ ବନ୍ୟା ସ୍ଥିତି ଉତ୍ପନ୍ନ ହୋଇଥିଲା । କାରଣ ସାଧାରଣତଃ ଏଠାରେ ବର୍ଷା ଦିନେ ଛୋଟଛୋଟ ବନ୍ୟା ଆସିଥାଏ । ବାଂଲାଦେଶ ବନ୍ଧ ନିର୍ମାଣ କଲେ ଏହି ବନ୍ୟା ଭୟାବହ ରୂପ ନେଇପାରେ । କଂଗ୍ରେସ ବିଧାୟକ ବିରଜିତ ସିହ୍ନା ମଧ୍ୟ ଏହି ମୁଦ୍ଦା ଉଠାଇଥିଲେ । ମନୁ ନଦୀରେ ମୌସୁମୀ ବେଳେ ଆସୁଥିବା ବନ୍ୟାକୁ ରୋକିବା ବନ୍ଧ ନିର୍ମାଣ କରୁଛି ବାଂଲାଦେଶ ।

## ଜମ୍ମୁକାଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ

ଜମ୍ମୁକାଶ୍ମୀର : ବର୍ଷା ଆଣିଲା କାଳ । ଜମ୍ମୁକାଶ୍ମୀରରେ ପ୍ରଳୟ ରଚିଛି ଲଗାଣବର୍ଷା । ବିଭିନ୍ନ ସ୍ଥାନରେ ବର୍ଷା ସହ ଭୂସ୍ଖଳନ ଘଟିଛି । ରବିବାର ରାମବଣ ଅଞ୍ଚଳରେ ପାହାଡ଼ ଧସିବାରୁ ୩ଜଣଙ୍କ ମୃତ୍ୟୁ ହେବା ସହ ୧୦ରୁ ଅଧିକ କାଦୁଅ ପାଣିରେ ଭାସିଯାଇଛନ୍ତି । ଘଟଣାସ୍ଥଳରେ ଏନଡିଆରଏଫ ଟିମ ପହଁଚି ସର୍ଚ୍ଚ ଅପରେସନ ଜାରି ରଖିଛି । ଜମ୍ମୁ-କାଶ୍ମୀରର ରାମବଣ ଅଞ୍ଚଳରେ ଶନିବାର ରାତିରେ କୁଆପଥର ବର୍ଷା, ପବନ ଓ ଭୂସ୍ଖଳନ ହୋଇଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ଏଥିସହ ଅନେକ ଲୋକଙ୍କ ଘର ତଥା ଧନ ସମ୍ପତ୍ତି ନଷ୍ଟ ହୋଇଛି । ଜାତୀୟ ରାଜପଥ ଅବରୋଧ ହୋଇଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ଦିଲ୍ଲୀରେ ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ ପାଇଁ କମିଟି ଗଠନ

ନୂଆଦିଲ୍ଲୀ : ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଏ ନେଇ ଦିଲ୍ଲୀ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଏହି ଯୋଜନାର ପ୍ରଭାବଶାଳୀ ଏବଂ ସୁଗମ ପାଇଁ ମୋଟ ଆଠଟି କମିଟି ଗଠନ ହୋଇଛି । ଏହି କମିଟିଗୁଡ଼ିକ ଯୋଜନା ସହିତ ଜଡିତ ବିଭିନ୍ନ ପ୍ରକ୍ରିୟା ଏବଂ ସେବାଗୁଡ଼ିକୁ ଏକ ବ୍ୟବସ୍ଥିତ ଉପାୟରେ କାମ କରିବେ । ରାଜ୍ୟ ଏମ୍ପାନେଲମେଣ୍ଟ କମିଟିର ଅଧ୍ୟକ୍ଷତଳ ଏବି ପିଏଜେୱାଇର ସିଇଓ କରିବେ ଏବଂ ଏହା ହସ୍ପିଟାଲ ପଞ୍ଜିକରଣ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ପଞ୍ଜିକୃତ ହସ୍ପିଟାଲଗୁଡ଼ିକର ଯାଞ୍ଚ ତଦାରଖ କରିବ । ଦ୍ୱିତୀୟଟି ହେଉଛି ଜିଲ୍ଲା ଏମ୍ପାନେଲମେଣ୍ଟ କମିଟି, ଯାହା ସମୟାନୁସାରେ ହସ୍ପିଟାଲ ପଞ୍ଜିକରଣ, ଡକ୍ୟୁମେଣ୍ଟ ଯାଞ୍ଚ ଏବଂ କ୍ଷେତ୍ର ଯାଞ୍ଚ ପରିଚାଳନା କରିବ । ତୃତୀୟଟି ହେଉଛି ଜିଲ୍ଲା କାର୍ଯ୍ୟାନ୍ୱୟନ କମିଟି, ଯାହା ଆୟୁଷ୍ମାନ କାର୍ଡ ତିଆରି, ସଚେତନତା ଅଭିଯାନ ପରିଚାଳନା ଏବଂ ହିତାଧିକାରୀଙ୍କ ଅଭିଯୋଗ ସମାଧାନ କରିବାରେ ସହାୟତା କରିବ । ଚତୁର୍ଥଟି ହେଉଛି ରାଜ୍ୟ ଅଭିଯୋଗ ସମାଧାନ କମିଟି, ଯାହା ହିତାଧିକାରୀ ଏବଂ ହସ୍ପିଟାଲ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଚୂଡ଼ାନ୍ତ ସମାଧାନ ପ୍ରଦାନ କରିବ । ପଞ୍ଚମଟି ହେଉଛି ରାଜ୍ୟ ଠକେଇ ବିରୋଧୀ ସେଲ୍, ଯାହା ସେବାର ଅପବ୍ୟବହାର ରୋକିବା ଏବଂ ଠକେଇ ଉପରେ ନଜର ରଖିବା ପାଇଁ ନୀତି ପ୍ରସ୍ତୁତ କରିବ । ଷଷ୍ଠଟି ହେଉଛି ରାଜ୍ୟ ଦାବି ସମୀକ୍ଷା କମିଟି, ଯାହା ପ୍ରତ୍ୟାଖ୍ୟାନ କରାଯାଇଥିବା ଦାବିଗୁଡ଼ିକର ସମୀକ୍ଷା କରିବ ଏବଂ ଅନିୟମିତ ଅଡିଟ୍ କରିବ । ସପ୍ତମଟି ହେଉଛି ରାଜ୍ୟ ଚିକିତ୍ସା କମିଟି, ଯାହା ଅସ୍ପଷ୍ଟ ଶଲ୍ୟଚିକିତ୍ସା ପ୍ୟାକେଜ ସମୀକ୍ଷା କରି ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ । ଅଷ୍ଟମଟି ହେଉଛି ରାଜ୍ୟ ଆପିଲେଟ୍ କର୍ତ୍ତୃପକ୍ଷ, ଯାହା ଅଭିଯୋଗ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା ଭାବରେ କାର୍ଯ୍ୟ କରିବ । ରାଜ୍ୟ ଏମ୍ପାନେଲମେଣ୍ଟ କମିଟିର କାମ ହେବ ଦିଲ୍ଲୀର ହସ୍ପିଟାଲଗୁଡ଼ିକର ପଞ୍ଜୀକରଣ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ପଞ୍ଜୀକୃତ ହସ୍ପିଟାଲଗୁଡ଼ିକର ଯାଞ୍ଚ ତଦାରଖ କରିବା । ଏହି ଆଠଟି କମିଟି ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମୁଖ୍ୟ ରାଜ୍ୟ ଏମ୍ପାନେଲମେଣ୍ଟ କମିଟି । ଏହାର ନେତୃତ୍ୱ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନେବେ । ଏହି କମିଟିର କାମ ଦିଲ୍ଲୀରେ ହସ୍ପିଟାଲଗୁଡ଼ିକର ପଞ୍ଜୀକରଣ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ପଞ୍ଜୀକୃତ ହସ୍ପିଟାଲଗୁଡ଼ିକର ତଦନ୍ତ ତଦାରଖ କରିବା ହେବ । ଏହା ବ୍ୟତୀତ ଅନ୍ୟ ୩ଟି କମିଟି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ସେବାର ଅପ ବ୍ୟବହାର ଏବଂ ସମ୍ଭାବ୍ୟ ଠକେଇକୁ ରୋକିବା ପାଇଁ ରାଜ୍ୟ ଠକେଇ ବିରୋଧୀ ସେଲ୍ ତଦାରଖ ଏବଂ ନୀତି ପ୍ରଣୟନ କରିବ । ଆୟୁଷ୍ମାନ ଭାରତ ଯୋଜନା ଦେଶର ସର୍ବବୃହତ ସାର୍ବଜନୀନ ସ୍ୱାସ୍ଥ୍ୟ ବୀମା ଯୋଜନା । ୨୭ଟି ବିଶେଷଜ୍ଞତା ସହିତ ୧,୯୬୧ଟି ଚିକିତ୍ସା ପ୍ରକ୍ରିୟା ଅନ୍ତର୍ଭୁକ୍ତ ଏହି ଯୋଜନାରେ କରାଯାଇଛି । ଯେଉଁଥିରେ ହସ୍ପିଟାଲରେ ଭର୍ତ୍ତି, ଅସ୍ତ୍ରୋପଚାର, ଔଷଧ, ପରୀକ୍ଷା ଏବଂ ଯତ୍ନ ଅନ୍ତର୍ଭୁକ୍ତ । ଦିଲ୍ଲୀ ଏହି ଯୋଜନାକୁ ଗ୍ରହଣ କରିବାରେ ଦେଶର ୩୫ ତମ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ହୋଇଛି । ଏହା ସହିତ, ଦିଲ୍ଲୀର ହଜାର ହଜାର ଅସହାୟ ନାଗରିକ ମାଗଣାରେ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା ପାଇପାରିବେ ।

## ଆସିବ ବନ୍ଦେ ଭାରତ ସ୍ଲିପର ଟ୍ରେନ

ନୂଆଦିଲ୍ଲୀ: ଆସିବ ବନ୍ଦେ ଭାରତ ସ୍ଲିପର ଟ୍ରେନ। ଆହୁରି ସହଜ ହେବ ବନ୍ଦେ ଭାରତ ଟ୍ରେନ ଯାତ୍ରା। ରେଲୱେ ପକ୍ଷରୁ ବନ୍ଦେ ଭାରତ ସ୍ଲିପର ଟ୍ରେନ ଲଞ୍ଚ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏହା ଦିଲ୍ଲୀ ଓ ହାୱଡ଼ା ଟ୍ରାକରେ ଗଡ଼ିବ ବୋଲି ସୂଚନା ମିଳିଛି। ଦିଲ୍ଲୀ ଏବଂ ହାଓଡ଼ା ମଧ୍ୟରେ ଭାରତୀୟ ରେଳବାଇ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଆରମ୍ଭ କରିବ। ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ପ୍ରଚଳନ ସହିତ ଭାରତୀୟ ରେଳବାଇ ଦୀର୍ଘ ଦୂରତା ଯାତ୍ରାକୁ ହ୍ରାସ ପାଇଁ ଯୋଜନା ପ୍ରସ୍ତୁତ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରିମିୟମ୍ ସ୍ଲିପର ସେବା ଦିଲ୍ଲୀ-ହାୱଡ଼ା ରୁଟରେ କାର୍ଯ୍ୟ କରିବ, ଯାହା ଯାତ୍ରୀମାନଙ୍କୁ ଏକ ଆଧୁନିକ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ। ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଯାତ୍ରୀ ଆରାମକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି। ଏହା ଏକ ଅର୍ଦ୍ଧ-ହାଇ-ସ୍ପିଡ୍ କ୍ଷମତା ପ୍ରଦାନ କରେ, ଯାହା ୧୬୦ କିମି/ଘଣ୍ଟା ପର୍ଯ୍ୟନ୍ତ ବେଗରେ ପହଞ୍ଚିଥାଏ, ଯାହା ଦ୍ରୁତ ଏବଂ ଅଧିକ ଦକ୍ଷ ଯାତ୍ରା ସୁନିଶ୍ଚିତ କରେ। ଯାତ୍ରୀ ସୁବିଧାଗୁଡ଼ିକରେ ସ୍ୱୟଂଚାଳିତ ପ୍ଲଗ୍ ଦ୍ୱାର, ପ୍ରଶସ୍ତ ଗ୍ୟାଙ୍ଗୱେ, ଉପର ବର୍ଥକୁ ପ୍ରବେଶ କରିବା ପାଇଁ ଏରଗୋନୋମିକ୍ ସିଡ଼ି ଏବଂ ଆଲୋକ, ଏୟାର କଣ୍ଡିସନିଂ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ଏକ କେନ୍ଦ୍ରୀୟ କୋଚ୍ ମନିଟରିଂ ସିଷ୍ଟମ ଅନ୍ତର୍ଭୁକ୍ତ। ଏହି ଟ୍ରେନରେ ଅନବୋର୍ଡ ୱାଇ-ଫାଇ ଏବଂ ସିସି ଟିଭି ନିରୀକ୍ଷଣ ସୁବିଧା ଉପଲବ୍ଧ ଥିବାବେଳେ ଯାତ୍ରୀମାନଙ୍କ ପାଇଁ ସୁଗମ ଶୌଚାଳୟ ମଧ୍ୟ ପ୍ରଦାନ କରାଯାଏ। ଏକ ଜରୁରୀକାଳୀନ ଟକ୍-ବ୍ୟାକ୍ ୟୁନିଟ୍ ଯାତ୍ରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଟ୍ରେନ ପରିଚାଳକ କିମ୍ବା ଲୋକୋ ପାଇଲଟ୍ ସହିତ ସିଧାସଳଖ ଯୋଗାଯୋଗ କରିବାକୁ ଅନୁମତି ପ୍ରଦାନ କରିବ। ଭାରତୀୟ ରେଳବାଇ ଡିସେମ୍ବର ୨୦୨୫ ସୁଦ୍ଧା ନଅଟି ଅତିରିକ୍ତ ୧୬ କୋଚ ବିଶିଷ୍ଟ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ନିର୍ମାଣ କରିବାକୁ ଯୋଜନା କରୁଛି। ସେହିପରି ୨୦୨୬-୨୭ରେ ୨୪ କୋଚ ବିଶିଷ୍ଟ ଟ୍ରେନ୍ ସେଟ୍‌ର ପୂର୍ଣ୍ଣ-ସ୍ତରର ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଉଛି। ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ଦୀର୍ଘ-ଦୂରତା ରେଳ ଯାତ୍ରାରେ ବିପ୍ଳବ ଆଣିବାକୁ ପ୍ରସ୍ତୁତ ହେଉଥିବାବେଳେ ଏହା ଯାତ୍ରୀମାନଙ୍କୁ ଏକ ସୁରକ୍ଷିତ, ଆରାମଦାୟକ ଏବଂ ଦକ୍ଷ ପରିବହନ ବ୍ୟବସ୍ଥା ଯୋଗାଇବାରେ ସହାୟକ ହୋଇପାରିବ ବୋଲି ଭାରତୀୟ ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ବିମାନକୁ ଧକ୍କା ଦେଲା ମିନି ବସ୍

ବେଙ୍ଗାଲୁରୁ : କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁ କେମ୍ପେଗୌଡା ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଅଘଟଣ । ବିମାନବନ୍ଦରରେ ପାର୍କିଂ ହୋଇଥିବା ଇଣ୍ଡିଗୋ ଏୟାରଲାଇନ୍ସକୁ ଧକ୍କା ଦେଲା ଏକ ମିନି ବସ୍ । ଏପରି ଅଘଟଣ ଶୁକ୍ରବାର ଦିନ ଘଟିଥିବା ସୂଚନା ମିଳିଛି । ଏହି ଅଘଟଣରେ କେହି ଆହତ ହୋଇନାହାନ୍ତି କିନ୍ତୁ ମିନି ବସର ଛାତ କ୍ଷତିଗ୍ରସ୍ତ ହୋଇଛି । ବିମାନବନ୍ଦରରେ ସୁରକ୍ଷା ଅବହେଳା ଯୋଗୁଁ ଏପରି ଘଟଣା ସାମ୍ନାକୁ ଆସିଛି । ଯାହାଦ୍ୱାରା



ବିମାନବନ୍ଦର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାନୁଯାୟୀ, ୧୮ ଏପ୍ରିଲ ପ୍ରାୟ ୧୨.୧୫ ମିନିଟ୍ ସମୟରେ ପାର୍କିଂରେ ଇଣ୍ଡିଗୋ ବିମାନସହ ମିନି ବସ୍ ଧକ୍କା ହୋଇଥିଲା । ବିମାନଟି ପାର୍କିଂରେ ଥିବାବେଳେ ବସ୍ ଆସି ଧକ୍କା ଦେଇଥିଲା । ବିମାନଟି କେମ୍ପେଗୌଡା ରନୱେରେ ଠିଆ ହୋଇଥିବା ସମୟରେ ମିନି ବସଟି ବିମାନର ଅଣ୍ଡରକ୍ୟାରେଜକୁ ଧକ୍କା ଦେଇଥିଲା । ଫଳରେ ବସଟିର ଛାତ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଏହା ମଧ୍ୟ କୁହାଯାଇଛି ଯେ, ସମ୍ବନ୍ଧୀୟ ପକ୍ଷ ସହିତ ସମନ୍ୱୟ ରଖି ସମସ୍ତ ଆବଶ୍ୟକୀୟ ପ୍ରୋଟୋକଲ ତୁରନ୍ତ କାର୍ଯ୍ୟକାରୀ କରାଯାଇଥିଲା । ଏହା ସହିତ ଯାତ୍ରୀ ଏବଂବିମାନବନ୍ଦର କର୍ମଚାରୀଙ୍କ ସୁରକ୍ଷା ଆମର ସର୍ବପ୍ରଥମ ପ୍ରାଥମିକତା ବୋଲି ଏୟାର ପୋର୍ଟର କର୍ତ୍ତୃପକ୍ଷଙ୍କ ଅଧିକାରୀ କହିଛନ୍ତି । ଅନ୍ୟପଟେ ଏହି ମାମଲା ସମ୍ପର୍କରେ ମଧ୍ୟ ଇଣ୍ଡିଗୋ ଏୟାରଲାଇନ୍ସ ଅବଗତ କିରିଛି । ଏକ ବିବୃତ୍ତିରେ ଏୟାରଲାଇନ୍ସ କହିଛି ଯେ, ଆମେ ବେଙ୍ଗାଲୁରୁ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ପାର୍କିଂହୋଇଥିବାବେଳେ ଏକ ଅନ୍ୟ ଯାନ ସହିତ ହୋଇଥିବା ଘଟଣାକୁ ଅବଗତ କରିଛି। ବର୍ତ୍ତମାନ କିନ୍ତୁ ଏହି ମାମଲାର ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି । ଆବଶ୍ୟକ ଅନୁଯାୟୀ ଏହି ମାମଲାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏକ ସୂତ୍ରରୁ ଜଣାପଡିଛି ।

## ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା ଉଦ୍ୟମ କଲା ସ୍ତ୍ରୀ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶ ଗ୍ୱାଲିୟରରୁ ଆସିଲା ପୁଣି ଏକ ନିନ୍ଦନୀୟ ଘଟଣା । ପ୍ରେମିକ ସହ ମିଶି କାର୍ ଚଢାଇ ସ୍ୱାମୀକୁ ହତ୍ୟା କରିବାକୁ ଉଦ୍ୟମ କରିଥିଲା ସ୍ତ୍ରୀ। ଘଟଣାର ଗୋଟିଏ ମାସ ପରେ ଅଭିଯୁକ୍ତ ସ୍ତ୍ରୀ ଏବଂ ତା'ର ପ୍ରେମିକ ସମେତ ୩ଟି ଛୁଆଙ୍କୁ ଗିରଫ କଲା ପୋଲିସ । ଯାହାର ସମ୍ପୂର୍ଣ୍ଣ ଘଟଣା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ୨୦୧୬ରେ ଅନିଲଙ୍କ ସହିତ ରଜନୀ ବିବାହ କରିଥିଲେ । ସମୟ ଅତିକ୍ରମ ସହିତ ସେମାନଙ୍କର ୨ଟି ଝିଅ ଓ ଗୋଟିଏ ପୁଅ ଥିଲା । ସବୁ ଠିକ୍ ଚାଲିଥିବା ଭିତରେ ହଠାତ୍ ଦୁହିଁଙ୍କ ମଧ୍ୟରେ ମନମାଳିନ୍ୟ ଦେଖାଦେଇଥିଲା । ପରେ ଏହା ବଡ ରୂପ ନେବାକୁ ଲାଗିଲା । ଯାହା ଦ୍ୱାରା ରଜନୀ ତାଙ୍କ ମା'ଙ୍କ ଘରକୁ ବାରମ୍ବାର ଯାଉଥିବା ଦେଖି ଅନିଲଙ୍କ ମନରେ ସନ୍ଦେହ ଆସିଥିଲା । ପରେ ରଜନୀଙ୍କ ପଡୋଶୀ ମଙ୍ଗଳ ସିଂ କୁଶୱାହଙ୍କ ସହ ପ୍ରେମ ସମ୍ପର୍କ ଥିବା ଜାଣିପାରିଥିଲେ ଅନିଲ । ଅନ୍ୟପଟେ ୨୦ ମାର୍ଚ୍ଚରେ ରଜନୀ ଦେହ ଖରାପର ବାହାନା କରି ତାଙ୍କ ବାପ ଘରକୁ ଚାଲିଯାଇଥିଲେ । ରଜନୀଙ୍କୁ ଫେରାଇ ଆଣିବା ପାଇଁ ବସ୍ ଷ୍ଟାଣ୍ଡରେ ଅନିଲ ସନ୍ଧ୍ୟା ୬ଟାରେ ପହଞ୍ଚିଥିଲେ । କିନ୍ତୁ ସେ ସେଠାରେ ପହଞ୍ଚିବା ପରେ ତାଙ୍କ ସ୍ତ୍ରୀକୁ ପ୍ରେମିକ ମଙ୍ଗଳ ସହ ନୀଳ ରଙ୍ଗ କାରରେ ବସି ବୁଲୁଥିବାର ଦେଖି ସେମାନଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ । ଯାହା ଫଳରେ ୨୧ ମାର୍ଚ୍ଚରେ ସ୍ୱାମୀ ଅନିଲକୁ କାର୍ ଧକ୍କା କରି ୫୦ ମିଟର ପର୍ଯ୍ୟନ୍ତ ଟାଣିନେଇଥିଲା ତାଙ୍କ ସ୍ତ୍ରୀ ଏବଂ ତା'ର ପ୍ରେମିକ । ଏପରି ଅଘଟଣ ଦେଖିବାକୁ ମିଳିଛି ଗ୍ୱାଲିୟର ସହରର ଝାସି ରୋଡ ଥାନା ଅନ୍ତର୍ଗତ ନାକା ଚନ୍ଦ୍ରବଦନୀ ଅଞ୍ଚଳରେ । ଅନିଲଙ୍କୁ ଗୁରୁତର ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୁସ୍ଥ ହେବା ପରେ ୫ଚଅଫିସରେ ପହଞ୍ଚିଥିଲେ ଅନିଲ । ପ୍ରଥମେ ପୋଲିସ ଏହି ଘଟଣାକୁ ହିଟ୍ ଆଣ୍ଡ ରନ୍ ଭାବେ ବିବେଚନା କରୁଥିଲା । କିନ୍ତୁ ଅନିଲ କରିଥିବା ଅଭିଯୋଗର ପ୍ରମାଣ ସିସିଟିଭି ଫୁଟେଜରୁ ମିଳିଥିଲା । ପ୍ରମାଣକୁ ଆଖି ଆଗରେ ରଖି ପୋଲିସ ଘଟଣାର ଗୋଟିଏ ମାସ ପରେ ଅଭିଯୁକ୍ତ ସ୍ତ୍ରୀ ଏବଂ ତାର ପ୍ରେମିକ ସମେତ ୩ଟି ଛୁଆଙ୍କୁ ଗିରଫ କରିଥିଲା ।

## ୮ବର୍ଷୀୟାଙ୍କୁ ବଳାତ୍କାର କଲେ ୧୦ମ ଛାତ୍ର

ଭିଣ୍ଡ(ମଧ୍ୟପ୍ରଦେଶ) : ମହାରାଷ୍ଟ୍ର ଭିଣ୍ଡ ଅଞ୍ଚଳରେ ପୀଡ଼ିତା ନାବାଳିକାଙ୍କ ପରିବାର ରୁହନ୍ତି। ତାଙ୍କ ଘର ନିକଟରେ ଅଭିଯୁକ୍ତ ନାବାଳକ ରହୁଛନ୍ତି। ଅଭିଯୁକ୍ତ ଜଣକ ୧୦ମ ଶ୍ରେଣୀରେ ପଢ଼ନ୍ତି। ସେ ପୀଡ଼ିତାଙ୍କ ପରିବାର ସହିତ ପୂର୍ବରୁ ମିଳାମିଶା କରନ୍ତି। ଗୁରୁବାର ସନ୍ଧ୍ୟା ସମୟରେ ପୀଡ଼ିତା ତାଙ୍କ ଘରେ ଏକାକୀ ଥିବାବେଳେ ନାବାଳକ ଜଣକ ସେଠାକୁ ଯାଇଥିଲେ। ପରେ ଘର ଭିତରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଅନ୍ୟ ପଡ଼ୋଶୀ ମାନେ ଆସି ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚ୍ ନାବାଳକଙ୍କୁ ଜିମାରେ ନେବା ସହ ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇଥିଲା। ପରେ ପୋଲିସ ପୋକ୍‌ସୋ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଥିଲା। ସେଠାରୁ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ରହିଛି ଏବଂ ସେ ଏବେ ପରିବାର ସହ ରହୁଛନ୍ତି ବୋଲି ପୋଲିସ ଅଧିକାରୀ ମୁକେଶ କୁମାର ଶାକ୍ୟ ସୂଚନା ଦେଇଛନ୍ତି।

# ହିନ୍ଦୁ ନେତାଙ୍କୁ ହତ୍ୟାରୁ ବଢୁଛି ଅଶାନ୍ତି

ନୂଆଦିଲ୍ଲୀ, ୨୦।୪: ବାଂଲାଦେଶର ପ୍ରମୁଖ ହିନ୍ଦୁ ନେତା ଭବେଶ ଚନ୍ଦ୍ର ରୟଙ୍କୁ ହତ୍ୟା ଘଟଣାରେ ଭାରତ ଶନିବାର ମହମ୍ମଦ ୟୁନୁସ୍ ? ସରକାରଙ୍କୁ ନିନ୍ଦା କରିଛି। ଅନ୍ତରୀଣ ସରକାରଙ୍କ ଶାସନରେ ପଡ଼ୋଶୀ ଦେଶର ସଂଖ୍ୟାଲଘୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ତାଞ୍ଚାର ଏକା ଏକ ଅଂଶବିଶେଷ ବୋଲି ନୂଆଦିଲ୍ଲୀ କହିଛି। ହିନ୍ଦୁ ନେତା ୫୮ ବର୍ଷୀୟ ଭବେଶଙ୍କୁ ଦିନାଜପୁରସ୍ଥିତ ତାଙ୍କ ଘରୁ ଅପହରଣ କରିନିଆଯାଇ ପିଟି ହତ୍ୟା କରାଯାଇଥିଲା। ତାଙ୍କ ମୃତଦେହ ଗୁରୁବାର ରାତିରେ ମିଳିଥିଲା। ଭବେଶ ବାଂଲାଦେଶ ପୂଜା ଉଦ୍ ?ଯାପନ ପରିଷଦର ଉପସଭାପତି ଏବଂ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ। ଭବେଶଙ୍କୁ ଅପହରଣ ଏବଂ ଜଘନ୍ୟ ହତ୍ୟା ସଂଖ୍ୟାଲଘୁ ହିନ୍ଦୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ଓ ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ୍ସରେ ଏକ ବିବୃତିରେ କହିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପ୍ରତି ବାଂଲାଦେଶ ଅନ୍ତରୀଣ ସରକାରଙ୍କ ଦାୟିତ୍ୱ ସମ୍ପର୍କରେ ଭାରତ ସ୍ମରଣ କରାଇଦେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ହିଂସ୍ର ରୂପ ନେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ? ହାସିନା ନିଜ ପଦବୀରୁ ଇସ୍ତଫା ଦେଇ ଭାରତ ପଳାଇଆସିଥିଲେ। ମହମ୍ମଦ ୟୁନୁସ୍ ?ଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା କରାଯାଇଥିଲା। ଏହା ପରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ବୃଦ୍ଧି ପାଇବା ସହ ହିନ୍ଦୁମାନେ ବାରମ୍ବାର ଆକ୍ରମଣ ଏବଂ ନିର୍ଯାତନାର ଶିକାର ହୋଇଆସୁଛନ୍ତି। ଗତବର୍ଷ ଢାକା



ବିମାନବନ୍ଦରରୁ ହିନ୍ଦୁ ସନ୍ଥ ଚିନ୍ମୟ କ୍ରିଷ୍ଣ ଦାସଙ୍କୁ ଗିରଫ କରାଯିବା ପରେ ଭାରତ ବାଂଲାଦେଶକୁ ସଂଖ୍ୟାଲଘୁଙ୍କ ଅଧିକାରର ସୁରକ୍ଷା କର୍ତ୍ତବ୍ୟ ସମ୍ପର୍କରେ ବାରମ୍ବାର ସ୍ମରଣ କରାଇଥିଲା। ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକୁ ଗଣମାଧ୍ୟମର ଅତିଶୟୋକ୍ତି କହି ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ଜୟସ୍ୱାଲ କହିବା ସହ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ୟୁନୁସ୍ ପ୍ରଶାସନକୁ ନିବେଦନ କରିଥିଲେ। ବାଂଲାଦେଶରେ ନାଗରିକ ଅଶାନ୍ତି, ଅପରାଧ ଏବଂ ଆତଙ୍କବାଦ ଯୋଗୁ ସେହି ଦେଶକୁ ଭ୍ରମଣରେ ଯିବା ବିପଦପୂର୍ଣ୍ଣ ହୋଇଛି। ତେଣୁ ବାଂଲାଦେଶ ଯିବା ନେଇ ଆମେରିକା ପରରାଷ୍ଟ୍ର ବିଭାଗ ଶୁକ୍ରବାର ଏହାର ନାଗରିକଙ୍କ ନିମନ୍ତେ କଠୋର ଟ୍ରାଭେଲ୍ ଆଡ୍‌ଭାଇଜରି ଜାରି କରି ସେମାନଙ୍କୁ ସତର୍କ କରାଇଛି। ବାଂଲାଦେଶ ପାଇଁ 'ଲେବଲ ୩: ରିକନ୍‌ସିଡର ଟ୍ରାଭେଲ୍' ଆଲର୍ଟ ଏବଂ ଚାଟ୍ଟାଗଙ୍ଗ ହିଲ୍ ଟ୍ରାକ୍ ଅଞ୍ଚଳ ପାଇଁ 'ଲେବଲ୪: ଡୋଣ୍ଟ ଟ୍ରାଭେଲ' ୱାର୍ନିଂ ଜାରି ହୋଇଛି। ଚିଟ୍ଟାଗଙ୍ଗ ପାର୍ବତ୍ୟାଞ୍ଚଳରେ ଖଗ୍ରାଚାରୀ, ରଙ୍ଗାମାଟି ଏବଂ ବନ୍ଦରବାନ ଜିଲା ଯାଉଥିବା ବେଳେ ଏହାକୁ ବିପଜ୍ଜନକ ଅଞ୍ଚଳ ବିବେଚନା କରାଯାଉଛି। ସେଠାରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଉଛି। ବିଚ୍ଛିନ୍ନତାବାଦୀ ସଂଗଠନ ଏବଂ ରାଜନୈତିକ ହିଂସା ମଧ୍ୟ ବାହାର ଦେଶର ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସାମ୍ପ୍ରଦାୟିକ ହିଂସା, ଅପରାଧ, ଆତଙ୍କବାଦ, ଅପହରଣ ଏବଂ ଅନ୍ୟାନ୍ୟ ବିପଦ ରହିଛି ଓ ଅନେକ ସମୟରେ ଆଇଇଡି ବିସ୍ଫୋରଣ ଓ ଗୁଳିକାଣ୍ଡ ଘଟୁଛି। ତେଣୁ ଚିଟ୍ଟାଗଙ୍ଗ ପାର୍ବତ୍ୟାଞ୍ଚଳକୁ ନ ଯିବା ଲାଗି ଆଡ୍‌ଭାଇଜରିରେ ଆମେରିକୀୟମାନଙ୍କୁ ପରାମର୍ଶ ଦିଆଯାଇଛି।

## ବୋତ୍ସ୍ୱାନାରୁ ୮ ଚିତା ଆଣିବ ଭାରତ

ଭୋପାଳ : ଆଗାମୀ ଦିନରେ ଭାରତ ଆଫ୍ରିକୀୟ ରାଷ୍ଟ୍ର ବୋତସ୍ୱାନାରୁ ଆଉ ୮ଟି ଚିତା ଆଣିବ ବୋଲି ଜଣାପଡିଛି। ଏଥିମଧ୍ୟରେ ଆସନ୍ତା ମେ'ରେ ପ୍ରଥମ ପର୍ଯ୍ୟାୟରେ ୪ଟି ଚିତା ଭାରତରେ ପହଞ୍ଚିବେ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶୁକ୍ରବାର ମଧ୍ୟପ୍ରଦେଶର ଭୋପାଳ ଠାରେ ଅନୁଷ୍ଠିତ ଚିତା ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବଂ କେନ୍ଦ୍ର ଜଙ୍ଗଲ, ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି କେନିୟାରୁ ମଧ୍ୟ ଚିତା ଆଣିବାକୁ ସରକାର ଯୋଜନା କରୁଥିବା ଜଣାପଡିଛି। ଚିତା ପ୍ରକଳ୍ପ ପାଇଁ ଏପର୍ଯ୍ୟନ୍ତ ୧୧୨ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଏଥିମଧ୍ୟରୁ ମଧ୍ୟପ୍ରଦେଶରେ ଚିତା ପୁନଃ ଥଇଥାନ ବାବଦରେ ୬୭ ପ୍ରତିଶତ ଖର୍ଚ୍ଚ ହୋଇଥିବା କୁହାଯାଇଛି। ସୂଚନାଯୋଗ୍ୟ ଭାରତରେ ଚିତା ବଂଶର ପୁନରୁଦ୍ଧାର ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶକ୍ରମେ ୨୦୨୨ ସେପ୍ଟେମ୍ବର ପ୍ରଥମ ଦଫାରେ ଆଫ୍ରିକୀୟ ରାଷ୍ଟ୍ର ନାମ୍ବିଆରୁ ୮ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ (୨୦୨୩ ଫେବୃଆରୀ) ଦକ୍ଷିଣ ଆଫ୍ରିକାରୁ ୧୨ଟି ଚିତା ଅଣାଯାଇଥିଲା। ସେମାନଙ୍କୁ ମଧ୍ୟପ୍ରଦେଶର କୁନୋ ଜାତୀୟ ପାର୍କରେ ଛଡାଯାଇଥିଲା। ବର୍ତ୍ତମାନ କୁନୋ ପାର୍କରେ ୨୬ଟି ଚିତା ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୬ଟି ଚିତାକୁ ଜଙ୍ଗଲରେ ଛଡାଯାଇଥିବାବେଳେ ଅବଶିଷ୍ଟ ୧୦ଟି ଚିତା ଏନ୍ ?କ୍ଲୋଜର (ଖୁଆଡ) ମଧ୍ୟରେ ରହିଛନ୍ତି। ଚିତାଙ୍କ ଗତିବିଧି ଲକ୍ଷ୍ୟ କରିବାକୁ ପ୍ରତ୍ୟେକଙ୍କ ବେକରେ କଲାର ଆଇଡି ଲଗାଯାଇଛି। ଇତିମଧ୍ୟରେ କୁନୋ ପାର୍କରେ ୮ ଚିତାର ମୃତ୍ୟୁ ଘଟିଥିବା ବେଳେ ୧୪ ଚିତା ଶାବକ ଜନ୍ମଗ୍ରହଣ କରିସାରିଛନ୍ତି। ବିଗତ ଦୁଇବର୍ଷ ମଧ୍ୟରେ ଚିତା ଦେଖିବାକୁ କୁନୋ ପାର୍କରେ ପର୍ଯ୍ୟଟକଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଥିବା ଜଣାପଡିଛି। କୁନୋରେ ଚିତା ସଫାରି ଆରମ୍ଭ କରିବାକୁ ମଧ୍ୟପ୍ରଦେଶ ସରକାର ସୁପ୍ରିମକୋର୍ଟରେ ଏକ ପିଟିସନ ଦାଏର କରିଛନ୍ତି। ପୁନଶ୍ଚ କୁନୋ ପାର୍କରେ ସ୍ଥାନାଭାବ ଯୋଗୁଁ କେତେକ ଚିତାକୁ ରାଜସ୍ଥାନ ସୀମାନ୍ତବର୍ତ୍ତୀ ଗାନ୍ଧୀ ସାଗର ଅଭୟାରଣ୍ୟକୁ ସ୍ଥାନାନ୍ତର ଯୋଜନା କରାଯାଉଛି।

# ସୁମଧୁର ପ୍ରତିଶୋଧ ନେଲା ବେଙ୍ଗାଲୁରୁ

## ●ପଞ୍ଜାବ କିଙ୍ଗ୍ସ ୧୫୭/୬, ଆରସିବି ୧୫୯/୩
## ●କୋହଲି ଓ ପାଡିକଲଙ୍କ ଅର୍ଦ୍ଧଶତକ

ଚଣ୍ଡିଗଡ଼, ୨୦।୪: ବୋଲରଙ୍କ ଶାଣିତ ବୋଲିଂ ପରେ ବିରାଟ କୋହଲି ଓ ଦେବଦତ୍ତ ପାଡିକଲଙ୍କ ଅର୍ଦ୍ଧଶତକ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗ୍ସକୁ ୭ ୱିକେଟ୍‌ରେ ହରାଇଛି। ଏଥିସହ ଦଳ ଦୁଇ ଦିନ ତଳେ ପଞ୍ଜାବଠୁ ହାରିଥିବା ପରାଜୟର ମଧୁର ପ୍ରତିଶୋଧ ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୬ ୱିକେଟ୍ ହରାଇ ୧୫୭ ରନ କରିଥିଲା। ଦଳର କୌଣସି ବ୍ୟାଟର ବଡ଼ ସ୍କୋର କରି ପାରି ନ ଥିଲେ। ଜବାବରେ ବେଙ୍ଗାଲୁରୁ ବିରାଟ କୋହଲିଙ୍କ ଅପରାଜିତ ୭୩ ରନ ଓ ପାଡିକଲଙ୍କ ୬୧ ରନ ବଳରେ ମ୍ୟାଚ୍‌କୁ ୧୮.୫ ଓଭରରେ ୩ ୱିକେଟ୍ ହରାଇ ଜିତି ନେଇଛି। ବେଙ୍ଗାଲୁରୁ ଅଷ୍ଟମ ମ୍ୟାଚ୍‌ରୁ ପଞ୍ଚମ ବିଜୟ ସହ ପଏଣ୍ଟ ତାଲିକାରେ ତୃତୀୟକୁ ଉଠିଛି। ଅନ୍ୟପଟେ ପଞ୍ଜାବ ତୃତୀୟ ପରାଜୟ ଭୋଗିଛି।

୧୫୮ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ବେଙ୍ଗାଲୁରୁକୁ ପ୍ରଥମ ଓଭରରେ ହିଁ ଫିଲିପ ସଲ୍ଟ(୧)ଙ୍କ ରୂପେ ଝଟକା ଲାଗିଥିଲା। ଏହା ପରେ ବିରାଟ କୋହଲି ଓ ଦେବଦତ୍ତ ପାଡିକଲ ଇନିଂସ ସମ୍ଭାଳିଥିଲେ। ଉଭୟ ଦମଦାର ବ୍ୟାଟିଂ କରି ଆବଶ୍ୟକ ହାରରେ ରନ ସଂଗ୍ରହ କରିଥିଲେ। ଉଭୟ ଦ୍ୱିତୀୟ ୱିକେଟ୍‌ରେ ୧୦୩ ରନ ଯୋଡ଼ି ବେଙ୍ଗାଲୁରୁର ବିଜୟ ନିଶ୍ଚିତ କରିଥିଲେ। ପାଡିକଲ ୩୫ ବଲରୁ ୫ ଚୌକା ଓ ୪ ଛକା ସହ ୬୧ ରନ କରିଥିଲେ। ଏହା ପରେ ଅଧିନାୟକ ରଜତ ପାଟିଦାର ୧୨ ରନ କରି ଆଉଟ୍ ହୋଇଥିଲେ ଦଳ ବିଜୟରେ ବାକି ଔପଚାରିକତା ପୂରା କରିଥିଲେ। ବିରାଟ କୋହଲି କୋହଲି ୫୪ ବଲରୁ ୭ ଚୌକା ଓ ୧ ଛକା ସହ ୭୩ ରନରେ ଅପରାଜିତ ଥିଲେ। ଜିତେଶ ଶର୍ମା ଦଳ ପାଇଁ ବିଜୟ ସୂଚକ ଛକା ମାରିଛନ୍ତି। ଉଲ୍ଲେଖନୀୟ ବେଙ୍ଗାଲୁରୁ ଏ ପର୍ଯ୍ୟନ୍ତ ଜିତିଥିବା ୫ଟି ମ୍ୟାଚ୍ ଅନ୍ୟ ଗ୍ରାଉଣ୍ଡରେ ଜିତିଥିବା ବେଳେ ନିଜ ଘରୋଇ ଗ୍ରାଉଣ୍ଡରେ ଖେଳିଥିବା ୩ଟି ମ୍ୟାଚ୍ ହାରିଛି।

ପ୍ରଥମ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ଆରସିବିକୁ ୧୫୮ରନର ଟାର୍ଗେଟ ଦେଇଥିଲା। ତେବେ ଖେଳ ଆରମ୍ଭରୁ ଦୁଇ ଓପନର ପ୍ରଭସିମରନ୍ ଓ ପ୍ରିୟାଂଶ ଆର୍ଯ୍ୟ ପ୍ରହାର ଆରମ୍ଭ କରିଥିଲେ। ପାଞ୍ଚମ ଓଭରରେ ଦଳ ୪୨ ରନ୍ କରିଥିଲା ହେଲେ କୃଣାଲ ପାଣ୍ଡ୍ୟା ଘାତକ ବୋଲିଂ କରି ଆରସିବିକୁ ପ୍ରଥମ ବ୍ରେକ୍ ଦେଇଥିଲେ। ସେ ପ୍ରିୟାଂଶ ଆର୍ଯ୍ୟଙ୍କୁ ୨୨ ରନ୍‌ରେ ଆଉଟ୍ କରିଥିଲେ। ପରେ ପ୍ରଭସିମରନଙ୍କୁ ୩୩ ରନରେ ଶିକାର କରିନେଇଥିଲେ । ଏହାପରେ ପଞ୍ଜାବର ବ୍ୟାଟିଂ ଲାଇନ-ଅପ୍ ତାସ୍‌ର ଘର ପରି ଭୁଶୁଡ଼ି ପଡ଼ିଥିଲା। ସେହିପରି ଶଶାଙ୍କ ସିଂ ୩୧ ରନ କରିଥିବାବେଳେ ମାର୍କୋ ଜାନସେନ ୨୫ ରନ କରିଥିଲେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୭ ରନ କରିଥିଲା । ଫଳରେ ନିର୍ଦ୍ଧାରିତ କୋଡିଏ ଓଭରରେ ଦଳ ୧୫୭ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା।



### ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)




### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୦୭ | ୦୫ | ୦୨ | ୧୦ |
| ଦିଲ୍ଲୀ କ୍ୟାପିଟାଲ୍ | ୦୫ | ୦୫ | ୦୨ | ୧୦ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୭ | ୦୫ | ୦୨ | ୧୦ |
| ପଞ୍ଜାବ କିଙ୍ଗ୍ସ | ୦୭ | ୦୫ | ୦୨ | ୧୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୮ | ୦୫ | ୦୩ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୦୭ | ୦୩ | ୦୪ | ୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୮ | ୦୪ | ୦୪ | ୦୮ |
| ରାଜସ୍ଥାନ ରୟାଲ୍ସ | ୦୮ | ୦୨ | ୦୬ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୭ | ୦୨ | ୦୫ | ୦୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୦୮ | ୦୨ | ୦୬ | ୦୪ |

# ରୋମାଞ୍ଚକର ମ୍ୟାଚ୍‌ରୁ ୨ ରନରେ ଜିତିଲା ଲକ୍ଷ୍ନୌ



## ଏଲ୍ଏସଜି ୧୮୦, ରାଜସ୍ଥାନ ୧୭୮

ଜୟପୁର, ୨୦।୪: ଚଳିତ ଆଇପିଏଲରେ ପୁଣି ଥରେ ଶେଷ ଓଭରରେ ୯ ରନ କରି ପାରିଲାନି ରାଜସ୍ଥାନ ରୟାଲ୍ସ ଲକ୍ଷ୍ନୌ ସୁପର ଜାଏଣ୍ଟସ ଜୟପୁରରେ ଖେଳା ଯାଇଥିବା ଆଇପିଏଲର ରୋମାଞ୍ଚକର ମ୍ୟାଚ୍‌ରେ ବାଜି ମାରି ନେଇଛି। ଶେଷ ଓଭରରେ ଜିତିବାକୁ ୯ ରନ ଥିଲେ ହେଁ ଅଭେଶ ଖାନ ଶାଣିତ ବୋଲିଂ କରି ନିଜ ଦଳ ଲକ୍ଷ୍ନୌକୁ ୨ ରନରେ ଜିତାଇଛନ୍ତି।ଆଉ ରାଜସ୍ଥାନ ଜିତିବା ମ୍ୟାଚ୍‌କୁ ହାତଛଡ଼ା କରିଛି।ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୫ ୱିକେଟ୍ ହରାଇ ୧୮୦ ରନ କରିଥିଲା ଦଳ ପକ୍ଷରୁ ଆଡନ ମାରକ୍ରମ ୬୬ ରନ ଓ ଆୟୁଷ ବାଦୋନି ୫୦ ରନ କରିଥିଲା। ଜବାବରେ ରାଜସ୍ଥାନ ପୁଣି ଥରେ ଭଲ ଆରମ୍ଭ କରି ହିଁ ଶେଷ ମୁହୂର୍ତ୍ତରେ ୫ୱିକେଟ୍ ହରାଇ ୧୭୮ ରନ କରି ପାରିଛି। ଆଉ ଯଶସ୍ୱୀ ଜୟସ୍ୱାଲଙ୍କ ୭୪ ରନର ଅର୍ଦ୍ଧଶତକୀୟ ଇନିଂସ ବୃଥା ହୋଇଛି। ଅଭେଶ ଖାନ ୩ ୱିକେଟ୍ ନେଇ ଦଳକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଲକ୍ଷ୍ନୌ ଅଷ୍ଟମ ମ୍ୟାଚ୍ ପଞ୍ଚମ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି ଅନ୍ୟପଟେ ରାଜସ୍ଥାନ ଷଷ୍ଠ ପରାଜୟ ଭୋଗିଛି ।

୧୮୧ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ରାଜସ୍ଥାନକୁ ଦମଦାର ଆରମ୍ଭ ଦେଇଥିଲେ। ଯଶସ୍ୱୀ ଜୟସ୍ୱାଲ ଓ ପ୍ରଥମ ପଦାର୍ପଣ ମ୍ୟାଚ୍ ଖେଳୁଥିବା ବିସ୍ମୟ ୧୪ ବର୍ଷୀୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଦୁଇ ବ୍ୟାଟର ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଦୁଇ ବ୍ୟାଟର ଓପନିଂରେ ୮୫ ରନ ଯୋଡ଼ି ବିଜୟର ମୂଳ ଦୁଆ ପକାଇଥିଲେ ବିଶେଷ କରି ବୈଭବ ୨୦ ବଲରୁ ୩୪ ରନର ପ୍ରଭାବଶାଳୀ ଇନିଂସ ଖେଳିଥିଲେ। ଏହା ପରେ ନୀତିଶ ରାଣା ୮ ରନ କରିଥିଲେ ଏହା ପରେ ଜୟସ୍ୱାଲ ଓ ରିୟାନ ପରାଗ ଦଳର ସ୍କୋରକୁ ୧୫୬ ରନରେ ପହଞ୍ଚାଇଥିଲେ ଜୟସ୍ୱାଲ ଆଉ ଏକ ୭୪ ରନର ଦମଦାର ଇନିଂସ ଖେଳିଥିଲେ।

ଏକଦା ୧୭ ଓଭରରେ ୩ ୱିକେଟ୍ ହରାଇ ୧୫୬ କରିଥିଲା ଶେଷ ୧୮ ବଲରେ ଦଳକୁ ୨୫ ରନ ଦରକାର ଥିଲା ହେଲେ ଗତ ମ୍ୟାଚ୍ ଭଳି ରାଜସ୍ଥାନ ଚାପ ଗ୍ରସ୍ତ ହୋଇଥିଲା ରିୟାନ ପରାଗ ୩୯ ରନ କରି ଆଉଟ୍ ହୋଇଥିଲେ ପୁଣି ଶେଷ ଓଭରରେ ରାଜସ୍ଥାନକୁ ଜିତିବା ପାଇଁ ୯ ରନ ଦରକାର ଥିଲା ଆଉ କ୍ରିଜରେ ଥିଲେ ହେଟମାୟ ଓ ଧ୍ରୁବ ଜୁରେଲ ତଥାପି ଦଳ ୫ ୱିକେଟ୍‌ରେ ୧୭୮ ରନରେ ଅଟକି ଥିଲା ଅଭେଶ ଖାନ ଶେଷ ଓଭର ବୋଲିଂ କରି ଲକ୍ଷ୍ନୌକୁ ସ୍ମରଣୀୟ ବିଜୟ ଦେଇଛନ୍ତି।

## ପଡିଆରେ ପିଏସଏଲ, ମୋବାଇଲରେ ଆଇପିଏଲ

ନୂଆଦିଲ୍ଲୀ, ୨୦।୪: ଏଥର ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଏବଂ ପାକିସ୍ତାନ ସୁପର ଲିଗ୍ ସମାନ ସମୟରେ ଖେଳାଯାଉଛି ।ନିଶ୍ଚିତ ଭାବରେ, ପାକିସ୍ତାନୀମାନେ ପିଏସଏଲକୁ ଆଇପିଏଲ ସହିତ ତୁଳନା କରନ୍ତି। କିନ୍ତୁ ଆମେ ସମସ୍ତେ ଜାଣୁ ଯେ ଏହା ରାଜସ୍ୱ, ଦର୍ଶକସଂଖ୍ୟା, ପୁରସ୍କାର ରାଶି କିମ୍ବା ଅନ୍ୟ କିଛି ବିଷୟରେ ହେଉ, ଆଇପିଏଲ, ପିଏସଏଲଠାରୁ ବହୁତ ଆଗରେ ଏବେ ଏକ ଭିଡିଓ ଭାଇରାଲ ହେଉଛି, ଯାହା ଏକ ପିଏସଏଲ ମ୍ୟାଚ୍‌ର।

ଭାଇରାଲ ଭିଡିଓଟି ପାକିସ୍ତାନ ସୁପର ଲିଗର ଏକ ମ୍ୟାଚ୍‌ର ବୋଲି ଜଣାପଡିଛି। ଭିଡିଓରେ, ଏକ ପିଏସଏଲ ମ୍ୟାଚ୍ ଚାଲିଛି, ବ୍ୟକ୍ତି ଜଣକ ଷ୍ଟାଡିୟମରେ ବସିଛନ୍ତି। କିନ୍ତୁ ସେ ତାଙ୍କ ମୋବାଇଲରେ ଆଇପିଏଲ ମ୍ୟାଚର ଲାଇଭ୍ ଷ୍ଟ୍ରିମିଂ ଦେଖୁଛନ୍ତି। ଭିଡିଓରେ ଦେଖାଯାଉଛି ଯେ ପ୍ରଶଂସକ ଜଣକ ତାଙ୍କ ମୋବାଇଲରେ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ ମ୍ୟାଚ୍ ଦେଖୁଛନ୍ତି ।ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହା ଉପରେ ଲୋକମାନେ ମିଶ୍ରିତ ପ୍ରତିକ୍ରିୟା ମଧ୍ୟ ଦେଉଛନ୍ତି। ଆପଣଙ୍କୁ କହି ରଖୁଛୁ ଯେ ଏପର୍ଯ୍ୟନ୍ତ ଖେଳାଯାଇଥିବା ମ୍ୟାଚ୍ ମଧ୍ୟରେ ଏହା ଟୁର୍ଣ୍ଣାମେଣ୍ଟର ସବୁଠାରୁ ରୋମାଞ୍ଚକର ମ୍ୟାଚ୍ ଥିଲା, ଯାହାର ଫଳାଫଳ ସୁପର ଓଭରରେ ନିର୍ଣ୍ଣୟ ହୋଇଥିଲା।

# ଆଇପିଏଲ୍‌ର ସର୍ବକନିଷ୍ଠ ଖେଳାଳି



ନୂଆଦିଲ୍ଲୀ, ୨୦।୪: ରାଜସ୍ଥାନ ରୟାଲ୍‌ସର କିଶୋର କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀ ନୂଆ ଇତିହାସ ରଚିଛନ୍ତି। ୧୪ ବର୍ଷ ୨୩ ଦିନ ବୟସରେ ଲକ୍ଷ୍ନୌ ବିପକ୍ଷରେ ପଦାର୍ପଣ କରି ଆଇପିଏଲ୍ ଖେଳିବାରେ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ରବିବାର ସୂର୍ଯ୍ୟବଂଶୀ ଇମ୍ପାକ୍ଟ ଖେଳାଳି ଭାବେ ରାଜସ୍ଥାନର ପାଳି ଆରମ୍ଭ କରିଥିଲେ ପୁଣି ନିଜେ ସମ୍ମୁଖୀନ ହୋଇଥିବା ପ୍ରଥମ ବଲ୍‌କୁ ଛକା ମାରି ବିରଳ କ୍ଲବ୍‌ରେ ସାମିଲ ହୋଇଥିଲେ। ଶାର୍ଦ୍ଦୁଳ ଠାକୁରଙ୍କ ପ୍ରଥମ ଓଭରର ଚତୁର୍ଥ ବଲ୍‌ରେ ଷ୍ଟ୍ରାଇକ୍ ପାଇଥିବା ଏହି ଅସାଧାରଣ ପ୍ରତିଭାଧାରୀ ଏହାକୁ ଅନାୟାସରେ ଏକ୍ସଟ୍ରା କଭର ସୀମାରେଖା ଉପରେ ବାହାରକୁ ପଠାଇ ସମସ୍ତଙ୍କୁ ଚକିତ କରି ଦେଇଥିଲେ। ଏତିକିରେ କିନ୍ତୁ ଅଟକି ନଥିଲେ ଅନ୍ୟତମ ଅନ୍ତର୍ଜାତୀୟ ଅଭିଜ୍ଞତା ସଂପନ୍ନ ଦ୍ରୁତ ବୋଲର ଆବେଶ ଖାନଙ୍କ ଦ୍ୱିତୀୟ ଓଭରର ଦ୍ୱିତୀୟ ବଲ୍‌କୁ ମଧ ଛକା ମାରି ରୟାଲ୍ସ ଶିବିରରେ ଖୁସିର ଲହରି ଖେଳାଇ ଦେଇଥିଲେ। ଏଥର ଅଫ୍ ଷ୍ଟମ୍ପ ଉପର ବଲ୍‌କୁ ଛକା ମାରି ସେ ଯେ ସବୁପ୍ରକାର ସଟ୍ ଖେଳିବାରେ ସିଦ୍ଧହସ୍ତ ତାର ପ୍ରମାଣ ଦେଇଥିଲେ।

ସେହିଭଳି ସ୍ପିନର ଦିଗବେଶ ରାଠିଙ୍କୁ ଆଉ ଏକ ଛକା ମାରି ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ ୨୦ ବଲ୍‌ରୁ ୨ଟି ଦର୍ଶନୀୟ ଚୌକା ଓ ତିନିଟି ଛକା ସହ ୧୭୦ ଷ୍ଟ୍ରାଇକ୍ ରେଟ୍‌ରେ ୩୪ ରନ୍ କରିଥିଲେ ଷ୍ଟମ୍ପିଂ ହୋଇଯାଇଥିଲେ ।

ପ୍ରକାଶ ଥାଉ କି ମାତ୍ର ୫ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ସୂର୍ଯ୍ୟବଂଶୀଙ୍କୁ ରାଜସ୍ଥାନ ରୟାଲ୍‌ସ ଚଳିତବର୍ଷ ଆଇପିଏଲ୍ ନିଲାମରେ ୧.୧ କୋଟି ଟଙ୍କାରେ କିଣି ଚହଳ ସୃଷ୍ଟି କରିଥିଲା। ସେତେବେଳକୁ ତାଙ୍କୁ କେବଳ ୧୩ ବର୍ଷ ହୋଇଥିଲା। ଫଳରେ ଆଇପିଏଲ୍‌ରେ ନିଲାମ ହେବାରେ ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ ସେ ପରବର୍ତ୍ତୀ ସମୟରେ ତାଙ୍କ ବୟସକୁ ନେଇ କିଛିଟା ବିବାଦ ସୃଷ୍ଟି ହୋଇଥିଲା। କିନ୍ତୁ ଏହା ସଂପୂର୍ଣ୍ଣ ଅମୂଳକ ଥିଲା ବୋଲି ଜଣାପଡ଼ିଥିଲା। ବିହାରର ତେଜପୁରରେ ଜନ୍ମଗ୍ରହଣ କରିଥିବା ସୂର୍ଯ୍ୟବଂଶୀ ମାତ୍ର ୧୨ ବର୍ଷ ବୟସରେ ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିଲେ। ତାଙ୍କ ପଦାର୍ପଣକୁ ଏବେ ମହାନ ଖେଳାଳି ସଚିନ ତେନ୍ଦୁଲକରଙ୍କ ୧୬ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍ ପଦାର୍ପଣ କରିବା ସହ ତୁଳନା କରାଯାଉଛି।

## ଖେଲୋ ଇଣ୍ଡିଆ ଅନ୍ତର୍ଗତ ଖୋଖୋ କେନ୍ଦ୍ର ଉଦଘାଟିତ

କେନ୍ଦୁଝର, ୨୦।୦୪ କେନ୍ଦୁଝର ନିଶାଗଡ଼ିଆସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଖେଲୋ ଇଣ୍ଡିଆ ଯୋଜନା ଅନ୍ତର୍ଗତ ଖୋ-ଖୋ ପ୍ରଶିକ୍ଷଣ କେନ୍ଦ୍ରକୁ ମାନ୍ୟବର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି।



ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟଠାରେ ଆଭାସୀ ମାଧ୍ୟମରେ ଉଦଘାଟନ କାର୍ଯ୍ୟକ୍ରମରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ହରଧର ମହାଳିକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିତାମ୍ବର ମହାକୁଡ, ଖେଳ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେଜ, ଜିତେନ୍ଦ୍ର ମହାକୁଡ଼, ଖୋ ଖୋ ପ୍ରଶିକ୍ଷକ କାଳିଦାସ ସୋରେନ, ବିଦ୍ୟାଳୟର ଖୋ ଖୋ ଖେଳାଳି ଛାତ୍ରୀ ଗଣ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଜିଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ତୃତୀୟ ଲିଗ୍ ମ୍ୟାଚରେ ସାଗର କୁମାର ଶ୍ରେଷ୍ଠ ଖେଳାଳି

କେନ୍ଦ୍ରାପଡ଼ା, ୨୦।୪:କେନ୍ଦ୍ରାପଡ଼ା ଜିଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ (୧୫ବର୍ଷରୁ କମ) କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ଲିଗ ମ୍ୟାଚ ସ୍କୁଲ-ସି ଓ ସ୍କୁଲ-ଡି ମଧ୍ୟରେ ଖେଳାଯାଇଥିଲା। ଏଥିରେ ସ୍କୁଲ-ଡି ବିଜୟୀ ହୋଇଛି। ସ୍କୁଲ-ସି ପ୍ରଥମେ ଟସ ଜିତି ଫିଲ୍ଡିଂ କରିଥିଲା। ସ୍କୁଲ-ଡି ବ୍ୟାଟିଂ କରି ୩୫ ଓଭରରେ ୪ ଉଇକେଟ୍ ବିନିମୟରେ ୨୨୭ ରନ୍ କରିଥିଲା। ଜବାବରେ ସ୍କୁଲ-ସି ୨୨.୨ ଓଭରରେ ୫୨ ରନ୍ କରି ଅଲଆଉଟ୍ ହୋଇଥିଲା। ଫଳରେ ୧୭୫ ରନରେ ସ୍କୁଲ-ଡି ବିଜୟୀ ହୋଇଥିଲା। ସ୍କୁଲ-ଡି ଦଳର ସାଗର କୁମାର ଦାସ ୬୭ ବଲରେ ୫ଟି ଚୌକା ସହ ୫୮ ରନ୍ ସଂଗ୍ରହ କରିଥିଲେ। ସେହିପରି ସାଗର କୁମାର ୪ ଓଭର ବୋଲିଂ କରି ଗୋଟିଏ ମେଡେନ ଓଭର ସହ ମାତ୍ର ୧୦ ରନ ଦେଇ ୪ଟି ଉଇକେଟ୍ ହାସଲ କରି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ରାଜେଶ ପାତ୍ର ଓ ଅନୁପ କୁମାର ରାଉତ ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ଆନନ୍ଦ ବେହେରା କାର୍ଯ୍ୟ ତୁଲାଇଥିବା ବେଳେ




ବରଦାକାନ୍ତ ବରାଳ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଆକବର ଅଲ୍ଲୀ ଖାଁ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ସାଗର କୁମାରଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତି, ଦୀପକ କୁମାର ବାରିକ, ଚିରଞ୍ଜିବୀ ବଳ, ସେକ ମୀନାଉଦ୍ଦିନ, ପ୍ରଫୁଲ୍ଲ କୁମାର ମଲ୍ଲିକ, ସମୀର ମହାପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଦଳ ସହ ବୁଲିବୁଲି ଅସୁସ୍ଥ ହେଲେ ପ୍ରୀତି

ନୂଆଦିଲ୍ଲୀ, ୨୦।୪(ଏଜେନ୍ସି): ରବିବାର ଡବଲ୍ ହେଡରର ପ୍ରଥମ ମ୍ୟାଚ୍ ମୁଲାନପୁର କ୍ରିକେଟ ଷ୍ଟାଡିୟମରେ ପଞ୍ଜାବ କିଙ୍ଗସ୍ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯାଇଛି। ଚଳିତ ସିଜିନରେ ଏହି ଗ୍ରାଉଣ୍ଡରେ ଖେଳାଯିବାକୁ ଏହା ଶେଷ ମ୍ୟାଚ୍, ଏହା ପରେ ପଞ୍ଜାବ ଧର୍ମଶାଳାରେ ଏହାର ଘରୋଇ ମ୍ୟାଚ୍ ଖେଳିବ। ଏହା ପୂର୍ବରୁ, ଦଳର ମାଲିକାଣୀ ପ୍ରୀତି ଜିଣ୍ଟା ଅସୁସ୍ଥ ହୋଇପଡିଛନ୍ତି , ସେ ନିଜେ ଏ ବିଷୟରେ ସୂଚନା ଦେଇଛନ୍ତି ।

ଘରୋଇ ଷ୍ଟାଡିୟମରେ ଖେଳାଯାଉ କିମ୍ବା ବାହାରେ ଖେଳାଯାଉ, ପଂଜାବ କିଙ୍ଗ୍ସର ମାଲିକାଣୀ ପ୍ରୀତି ଜିଣ୍ଟା ଶ୍ରେୟସ ଆୟର ଏବଂ ଦଳକୁ ସମର୍ଥନ କରିବା ପାଇଁ ପ୍ରତ୍ୟେକ ମ୍ୟାଚ୍‌ରେ ଯୋଗ ଦିଅନ୍ତି। ସେ ଗତ ମ୍ୟାଚ୍‌ରେ ବେଙ୍ଗାଲୁରୁରେ ମଧ୍ୟ ଉପସ୍ଥିତ ଥିଲେ, ଯେଉଁଠାରେ ବର୍ଷା ପ୍ରଭାବିତ ମ୍ୟାଚ୍‌ରେ ପଞ୍ଜାବ ୫ ୱିକେଟ୍‌ରେ ଜିତିଥିଲା। ରବିବାର ମ୍ୟାଚ୍ ପୂର୍ବରୁ, ପ୍ରୀତି ଏକ ପୋଷ୍ଟ ମାଧ୍ୟମରେ କହିଛନ୍ତି ଯେ ତାଙ୍କୁ ଜ୍ୱର ହୋଇଛି। ସେ



କହିଛନ୍ତି ଯେ ଏହା ପଛରେ କାରଣ ହେଉଛି ଟୁର୍ଣ୍ଣାମେଣ୍ଟର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ, ଗରମ ପାଗ ଏବଂ ହୋଟେଲର ବାରମ୍ବାର ପରିବର୍ତ୍ତନ। ପଞ୍ଜାବ କିଙ୍ଗ୍ସର ସହ-ମାଲିକ ଲେଖିଛନ୍ତି, ମୁଁ ନିଶ୍ଚିତ ଯେ ଏତେ ବ୍ୟସ୍ତବହୁଳ ଯାତ୍ରା, ଅତ୍ୟଧିକ ଗରମ ଏବଂ ଏୟାର କଣ୍ଡିସନିଂ ଏବଂ ନିରନ୍ତର ହୋଟେଲ ରୁମ ପରିବର୍ତ୍ତନ କରିବା ଯୋଗୁଁ ଜ୍ୱର ହୋଇଛି। ଯେତେବେଳେ ଆପଣ ଅସୁସ୍ଥ ଥିବେ ଏବଂ ରାତିସାରା ଶୋଇ ନଥିବେ ସେତେବେଳେ ଏହା କେବେ ମଜାଦାର ନୁହେଁ। ଧନ୍ୟବାଦ ଯେ ମା ମୋତେ ଏବଂ କାଲିର ଖେଳ ଦେଖିବାକୁ ଆସୁଛନ୍ତି। ଆଶା କରୁଛି ମୁଁ ମୁଲାନପୁର ଷ୍ଟାଡିୟମରେ ପହଞ୍ଚିପାରିବି । କାରଣ ଏହା ଚଣ୍ଡିଗଡ଼ରେ ଆମର ଶେଷ ଘରୋଇ ଖେଳ। ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ, ପଞ୍ଜାବ କିଙ୍ଗ୍ସ ଏଥର ଏକ ବହୁତ ଶକ୍ତିଶାଳୀ ଦଳ ପରି ଦେଖାଯାଉଛି। ଗତ ମ୍ୟାଚ୍ ଜିତିବା ପରେ ପଞ୍ଜାବ କିଙ୍ଗ୍ସ କହିଥିଲା ଯେ ପୂର୍ବରୁ ଆମେ ଯେଉଁ ମ୍ୟାଚ୍ ଜିତିଥିଲୁ ସେଗୁଡ଼ିକୁ ହାରୁଥିଲୁ କିନ୍ତୁ ଏଥର ଆମେ ଯେଉଁ ମ୍ୟାଚ୍ ହାରୁଥିଲୁ। ସେଗୁଡ଼ିକୁ ଜିତିଛୁ। ପଞ୍ଜାବ ସେହି ଦଳଗୁଡ଼ିକ ମଧ୍ୟରେ ସାମିଲ, ଯେଉଁମାନେ ଏପର୍ଯ୍ୟନ୍ତ କୌଣସି ଟାଇଟଲ ଜିତି ନାହାଁନ୍ତି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ